## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ପାଟଣାଗଡ଼,୫।୮ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ଲକ ବରପଦର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ସୁମନ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୯୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ବିଶେଷ କରି ନୂତନ ରେଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ବସୁନ୍ଧରା ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀମାନେ ଆବେଦନ କରିଥିବା ଜଣାପଡିଛି । ଏହି ଶିବିରରେ ଜିପିଓ ନିଲକାନ୍ତ କାଲସାଏ, ତହସିଲଦାର ରୁଦ୍ର ମୋହନ ନାୟକ,ସିଡିପିଓ ପ୍ରଭାମୟୀ ନାଏକ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଏସଏସଓ, କ୍ଷୁଦ୍ର ଜଳସେଚନ ,କୃଷି ବିଭାଗ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଖପ୍ରାଖୋଲ,୫।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଉଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଏପିଓ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ସନ୍ତୋଷିନୀ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମୀଣ ଆବାସ, ରାଶନ କାର୍ଡ ସମେତ ୧ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବା ଜଣାଯାଇଛି। ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଲାୟନ୍ସ ୟୁଥ ଆସୋସିଏଶନ ପକ୍ଷରୁ ବୃକ୍ଷରୋପଣ

ମୁରିବହାଲ,୫।୮ (ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ଗ୍ରାମ ପଞ୍ଚାୟତ ମାକ୍ରିପଡ଼ା ଗ୍ରାମର ଲାୟନ୍ସ ୟୁଥ ଆସୋସିଏଶନ ପକ୍ଷରୁ ସୋମବାର ଦିନ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଗଛ ଲଗାଯାଇଥିଲା। ଲାୟନ୍ସ ୟୁଥ ଆସୋସିଏଶନ ର ମ୍ୟାନେଜର କ୍ଷମା ଯୁଗ୍ନିଆ, ସଭାପତି ଭୁଲେଶ୍ୱର ଛତର, ସମ୍ପାଦକ ମଙ୍ଗଲେ ଛତର, କୋଷାଧ୍ୟକ୍ଷ ପରେଶ୍ୱର ଛତର, କଉତୁକ ଛତର, ଶଙ୍କର ଛତର, ହଂଶୁରାଜ ଭୋଇ, ଶେଖର ରଣା, ନିରାକାର ନାଗ, ଦେବଚନ୍ଦ୍ର ଛତର, ପୀତାମ୍ବର ବର୍ଗର୍ତ୍ତି,ସନି ଛତର, ଲିଖିଲ ଛତର, ହୃଷୀକେଶ ଛତର ପ୍ରମୁଖ ବୃକ୍ଷରୋପଣ କରିଥିଲେ। ଆଗାମୀ ଦିନରେ ଗଛଗୁଡ଼ିକୁ ସୁରକ୍ଷା ଦିଆଯିବ ବୋଲି ଆସୋସିଏଶନର କୋଷାଧ୍ୟକ୍ଷ ପରେଶ୍ୱର ଛତର ଓ କର୍ମକର୍ତ୍ତା କହିଛନ୍ତି। ଶେଷରେ ଯୁବକମାନଙ୍କୁ ଗୋଟିଏ ଲେଖାଏ ଗଛ ଲଗାଇ ପରିବେଶ ସୁରକ୍ଷା କରିବାକୁ କୁହାଯାଇଥିଲା ।



ବୃକ୍ଷରୋପଣ କରାଯାଉଛି ।

# ସ୍ମାର୍ଟ ମିଟର ଲଗାଇବା ବନ୍ଦ କରାଯାଉ



ନାଗରିକ କମିଟିର ସପ୍ତମ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟମାନେ ।

**ବଲାଙ୍ଗୀର ନାଗରିକ କମିଟିର ସପ୍ତମ ସାଧାରଣ ପରିଷଦ ବୈଠକ**

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବଲାଙ୍ଗୀର ନାଗରିକ କମିଟିର ସପ୍ତମ ସାଧାରଣ ପରିଷଦ ବୈଠକ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କମିଟି କୋଷାଧ୍ୟକ୍ଷ ଗଜେନ୍ଦ୍ର ତ୍ରିଭୁବନଦାସ ଭମରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସାଧାରଣ ସମ୍ପାଦକ ମଧୁସୂଦନ ନାୟକ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ । ବଲାଙ୍ଗୀର ସହର ସମେତ ଜିଲାରେ ଟାଟା ପାୱାର ପକ୍ଷରୁ ଲଗାଯାଉଥିବା ସ୍ମାର୍ଟ ମିଟରକୁ ତୁରନ୍ତ ବନ୍ଦ କରିବାକୁ କମିଟି ବାରମ୍ବାର ଦାବି କରିଆସୁଛି। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। କମିଟି ପକ୍ଷରୁ ଟାଟା ପାୱାର ସ୍ମାର୍ଟ ମିଟର ଲଗାଣ ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ବଲାଙ୍ଗୀର ଜନସାଧାରଣ ଏବଂ ବିଭିନ୍ନ ସଙ୍ଗଠନ ସଦସ୍ୟଙ୍କୁ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନର ପ୍ରତିନିଧି, ନାଗରିକ କମିଟି କାର୍ଯ୍ୟକାରୀ କମିଟିର ସଦସ୍ୟ ଓ ସାଧାରଣ ସଦସ୍ୟଙ୍କୁ ନେଇ ଏକ ସମନ୍ୱୟ ସମିତି ଗଠନ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ଡା. ଲକ୍ଷ୍ମୀକାନ୍ତ ମହାପାତ୍ର ଆନ୍ଦୋଳନ ପନ୍ଥାକୁ ଆପଣାଇ ନ ନେଇ ସରକାରୀ ସ୍ତରରେ ଚାପ ସୃଷ୍ଟି କରି କାର୍ଯ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ବଲାଙ୍ଗୀରରେ ଟେକ୍ସଟାଇଲ ମିଲ୍ ସ୍ଥାପନ ଏବଂ ବଲାଙ୍ଗୀର ମେଡିକାଲରେ ବିଭିନ୍ନ ବିଭାଗରେ ବିଶେଷଜ୍ଞ ପଦବୀ ପୂରଣ ଉପରେ ନାଗରିକ କମିଟି ଗୁରୁତ୍ୱାରୋପ କରିଥିଲା। ଆନ୍ଦୋଳନ ସପକ୍ଷରେ ଅଧିକ ମତ ରହିବାରୁ ଶେଷରେ ଆନ୍ଦୋଳନ ଚାଲୁ ରଖିବାକୁ ସମନ୍ୱୟ କମିଟି ଗଠନ କରିବା ନିଷ୍ପତ୍ତି ହୋଇଥିଲା । ସଦସ୍ୟ ଧନଞ୍ଜୟ ମିଶ୍ର ଓ ଛବିଲାଲ ବେହେରା ସମନ୍ୱୟ କମିଟିରେ ସାମିଲ ହେବାକୁ ସମ୍ମତି ପ୍ରଦାନ କରିଥିଲେ । ସମନ୍ୱୟ କମିଟିର ପ୍ରଥମ ସଭା ଆସନ୍ତା ୧୦ ତାରିଖରେ ଟାଉନ ଉଚ୍ଚ ବାଳିକା ଉଚ୍ଚ ବିଦ୍ୟାଳୟରେ ସନ୍ଧ୍ୟା ୬ଟା ୩୦ରେ ବସିବ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ହେବ ବୋଲି ସଭାପତି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌରଚନ୍ଦ୍ର ପୁରୋହିତ, କିଶୋର ମୋହନ ମିଶ୍ର, ଅଶୋକ କୁମାର ମିଶ୍ର, ଛବିଲାଲ ବେହେରା, ଧର୍ମବ୍ରତ ରଥ, ମନୋରଞ୍ଜନ ପୁରୋହିତ, ନରେଶ କୁମାର ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସହସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ କ୍ୟାନ୍‌ସର ରୋଗ ପରୀକ୍ଷା ଶିବିର



ଲୋକଙ୍କ ଠାରୁ ନମୁନା ସଂଗ୍ରହ କରାଯାଉଛି ।

ଲାଠୋର,୫।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋର ଅଗ୍ରସେନ ଭବନଠାରେ ସୋମବାର ମାରୱାଡି ଯୁବା ମଞ୍ଚର ସଭାପତି ଅମିତ ସିଙ୍ଘଲଙ୍କ ନେତୃତ୍ୱରେ ନିଃଶୁଳ୍କ କ୍ୟାନ୍‌ସର ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ ରୋଗ ଯାଞ୍ଚ ମୋବାଇଲ ଭ୍ୟାନ୍‌ରେ ରକ୍ତ ପରୀକ୍ଷା, ଏକ୍ସରେ ଓ ରେଡ଼ିଓଗ୍ରାଫ ମାଧ୍ୟମରେ ୧୧୧ ଜଣ ମହିଳା ପୁରୁଷଙ୍କ ନମୁନା ସଂଗ୍ରହ ଓ ପରୀକ୍ଷା କରାଯାଇଥିଲା। ଲତା ରାଘବ ରେଡ଼ିଓଗ୍ରାଫର ଦିଲ୍ଲୀ, ଲ୍ୟାବ୍ ଟେକ୍ନିସିଆନ ଆଲୋକ ଠାକୁର ଯୋଗଦେଇ ନମୁନା ସଂଗ୍ରହ କରିଥିଲେ। ଦୁଷ୍ମନ୍ତ କୁମାର ସିଂ, ଡିପି ପାଣ୍ଡେ, ସ୍ୱାଗତିକା ବାଗ ଓ ସସ୍ମିତା ସେଠ ସହଯୋଗ କରିଥିଲେ । ନମୁନା ସଂଗ୍ରହ କରା ଯାଇଥିବା ମହିଳା ପୁରୁଷମାନଙ୍କର ରିପୋର୍ଟ ଆସିଲେ ସେମାନଙ୍କୁ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଯଦି କାହାର ଲକ୍ଷଣ ଥାଏ ତେବେ ସେମାନେ ବାହାରେ ଚିକିତ୍ସା ର ବ୍ୟବସ୍ଥା କରିବେ ବୋଲି ସଭାପତି ସିଙ୍ଘଲ କହିଛନ୍ତି। ଶୀତଳ ଅଗ୍ରୱାଲ ଏବଂ ପଙ୍କଜ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସମ୍ପାଦକ ସୁବାସ ଅଗ୍ରୱାଲ, କୋଷାଧ୍ୟକ୍ଷ ସୌରାଇ ଅଗ୍ରୱାଲଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜ୍ଞାନ ବିଜ୍ଞାନ ମେଳା: ୩୦୨ ପ୍ରକଳ୍ପ ପ୍ରଦର୍ଶିତ



ଶିଶୁବର୍ଗରେ ପ୍ରଦର୍ଶିତ ପ୍ରକଳ୍ପ ।

ଲୋଇସିଂହା,୫।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥରେ ଶିଶୁ ବାଟିକା ବିଭାଗରେ ୧୦୫ ପ୍ରକଳ୍ପ, ପ୍ରାକ୍ ଶିଶୁ ବର୍ଗରେ ୧୦୯ ପ୍ରକଳ୍ପ, ବାଳ ବର୍ଗରୁ ୩୦ ଏବଂ କିଶୋର ବର୍ଗରୁ ୨ ଏପରି ମୋଟ ୩୦୨ ପ୍ରକଳ୍ପ ପର୍ଦଶିତ ହୋଇଥିଲା। ଏହାଛଡ଼ା ମୂର୍ତ୍ତିକଳା, ସଙ୍ଗୀତ ପ୍ରତିଯୋଗିତା ପ୍ରଶ୍ନମଞ୍ଚ, ପତ୍ରବାଚନ ଆଦି ବିଭାଗରେ ୮୨ ଶିଶୁ ଭାଗ ନେଇଥିଲେ। ପ୍ରଧାନ ଅଚାର୍ଯ୍ୟ ଶିବ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବିଚାରକ ଭାବେ ପ୍ରତାପ ବହିଦାର, ତମନ୍ନା ଅଗ୍ରୱାଲ, ପରମାମନନ୍ଦ ସାହୁ, ଯଜ୍ଞ କୁମାର ସାହୁ ଯୋଗ ଦେଇଥିଲେ। ବିଚାରକ ମଣ୍ଡଳୀ ମେଳାରେ ଏତେ ସଂଖ୍ୟକ ପ୍ରକଳ୍ପ ପ୍ରଦର୍ଶନକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ଆଚାର୍ଯ୍ୟ ପ୍ରେମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଗୁରୁମା ମମତା ଦାଶ ବୃତ୍ତ କଥନ କରିଥିବା ବେଳେ କାର୍ଯ୍ୟକ୍ରମକୁ ଗୁରୁଜୀ ନିତ୍ୟାନନ୍ଦ ପଧାନ ସଂଯୋଜନା କରିଥିଲେ। ପରିଚାଳନା ସମିତି ସଦସ୍ୟା ସୈରେନ୍ଦ୍ରୀ ଛତ୍ରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ରସାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଲୋଇସିଂହା,୫।୮ (ସୁଶାନ୍ତ ବାରିକ)

ସମ୍ବଲପୁର – ଟିଟିଲାଗଡ ରୁଟର ଖଲିଆପାଲି ଷ୍ଟେଶନ ଓ ବେନ୍ଦ୍ରା ଫାଟକ ମଝିରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତ ଯୁବକ ଜଣକ ହେଲେ ବିହାର ରାଜ୍ୟ ନନ୍ଦୱାଡ଼ା ଜିଲା କୋଶଲମଗର ମନସାଗରର ସୋନୁ କୁମାର (୧୮) । ସୂଚନା ଅନୁଯାୟୀ, ସୋନୁ ସାଙ୍ଗମାନଙ୍କ ସହ ତ୍ରିପୁର ଅଞ୍ଚଳକୁ କାମ କରିବାକୁ ଯାଉଥିଲେ। ଏକ୍ସପ୍ରେସ ଟ୍ରେନ ନଂ ୧୩୩୫୧ରେ ଯାଉଥିବା ବେଳେ ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ଲୋଇସିଂହା ଥାନା ଅନ୍ତର୍ଗତ ଖଲିଆପାଲି ଷ୍ଟେଶନ ଓ ବେନ୍ଦ୍ରା ଫାଟକ ମଝିରେ ପଡି ଯାଇଥିଲେ । ସାଙ୍ଗମାନେ ଏହା ଜାଣିଲା ପରେ ବଲାଙ୍ଗୀର ଷ୍ଟେଶନରେ ଓହ୍ଲାଇ ଖୋଜାଖୋଜି କରିଥିଲେ। ହେଲେ ରାତି ହୋଇଥିବାରୁ ସାଙ୍ଗମାନେ ପ୍ରକୃତ ସ୍ଥାନ ଜାଣି ପାରି ନ ଥିଲେ । ସୋମବାର ସକାଳେ କି ମ୍ୟାନ ବୀରେନ୍ଦ୍ର ପଧାନ ସମ୍ପୃକ୍ତ ଅଞ୍ଚଳରେ ଡ୍ୟୁଟି କରୁଥିବା ବେଳେ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତ ଦେହ ପଡିଥିବା ଦେଖି ବିଭାଗକୁ ଜଣାଇଥିଲେ। ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଘଟଣାସ୍ଥଳରୁ ମୃତ ଯୁବକଙ୍କ ମୋବାଇଲ ଫୋନ ମିଳିବା ପରେ ତାଙ୍କ ପରିଚୟ ମିଳିଥିଲା ।

## ନାରାୟଣଙ୍କ ଚକ୍ଷୁ ଦାନ କଲେ ପରିବାରବର୍ଗ

**ଅଧୁରା ରହିଲା ଗୁପ୍ତେଶ୍ୱର ଯାତ୍ରା**

ଲୋଇସିଂହା,୫।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଗ୍ରାମର ନାରାୟଣ ଧରୁଆ(୨୮)ଙ୍କ ଗତ ଶନିବାର ଦିନ ମୃତ୍ୟୁ ଘଟିଛି। ପୁଅର ମୃତ୍ୟୁରେ ପରିବାରବର୍ଗ ଭାଙ୍ଗି ପଡିଥିଲେ ସୁଦ୍ଧା ମହତ୍ ଉଦ୍ଦେଶ୍ୟ ନେଇ ନାରାୟଣଙ୍କ ଦୁଇ ଆଖିକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ଦାନ କରିଛନ୍ତି। ପୁଅକୁ ହରାଇଛୁ ସତ , ହେଲେ ତାର ସେଇ ଆଖିରେ ଅନ୍ୟ କେହି ଦୁନିଆ ଦେଖୁ ବୋଲି କୋହ ଭରା କଣ୍ଠରେ କହିଛନ୍ତି ପରିବାର ଲୋକେ।

ପ୍ରକାଶ ଯେ, ଖାରମୁଣ୍ଡା ଗାଁର ହିଂମାଶୁ ଧରୁଆଙ୍କ ଦୁଇ ପୁଅ ମଧ୍ୟରୁ ନାରାୟଣ ଥିଲେ ବଡ଼ପୁଅ। ନାରାୟଣ ପାଠ ପଢ଼ା ପରେ ବିବାହ, ବ୍ରତ ଆଦି ଉତ୍ସବରେ ଭିଡିଓ ଗ୍ରାଫି କରି ପରିବାର ପରିପୋଷଣରେ ସହାୟକ ହେଉଥିଲେ। ଶନିବାର ସକାଳେ ସେ ନିକଟସ୍ଥ କୁଶଙ୍ଗ ସାପ୍ତାହିକ ବଜାରକୁ ସଉଦା ଆଣିବାକୁ ଯାଇଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କୁଶଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ନାରାୟଣଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ସୁନୀଲ ଅଗ୍ରୱାଲ ଏବଂ ସାଙ୍ଗମାନେ ମେଡିକାଲରେ ପହଞ୍ଚିଥିଲେ। ପରେ ନାରାୟଣଙ୍କ ପରିବାର ଲୋକଙ୍କ ସହମତି କ୍ରମେ ମେଡିକାଲକୁ ଚକ୍ଷୁଦାନ କରାଯାଇଥିବା ଜଣାଯାଇଛି। ଏ ନେଇ ହସ୍ପିଟାଲ ପକ୍ଷରୁ ମୃତକଙ୍କ ପିତା ହିଂମାଶୁଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।



ନାରାୟଣ ଧରୁଆଙ୍କ ଫାଇଲ ଫଟୋ ।

ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ଗ୍ରାମର ବୋଲବମ କମିଟି ସଦସ୍ୟଙ୍କ ସହ ନାରାୟଣ ଗୁପ୍ତେଶ୍ୱର ଯାତ୍ରା କରିବାର ଥିଲା। କିନ୍ତୁ ତାହା ଅଧୁରା ରହିଲା ବୋଲି ତାଙ୍କ ସାଙ୍ଗମାନେ ଦୁଃଖର ସହ ପ୍ରକାଶ କରିଛନ୍ତି।

## ଗରିବ ଅସହାୟ ଲୋକଙ୍କୁ ଛତା ବଣ୍ଟନ





ସୌଦାମିନୀ କେଆର୍ସ ପକ୍ଷରୁ ଗରିବ ଲୋକଙ୍କୁ ଛତା ବଣ୍ଟନ କରାଯାଉଛି ।

ଟିଟିଲାଗଡ଼,୫।୮ (ଶରତ ମିଶ୍ର)

ରବିବାର ସ୍ଥାନୀୟ ଅଞ୍ଚଳର ସୌଦାମିନୀ କେୟାର୍ସ ପକ୍ଷରୁ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର ଟିଟିଲାଗଡ ସହରର କୁମୁଡା ଧବଳେଶ୍ୱର ପୀଠ ସମେତ ବିଭିନ୍ନ ସ୍ଥାନ ବୁଲି ଗରିବ ,ଅସହାୟ ତଥା ଭିକ୍ଷା ବୃତ୍ତି କରି ପେଟ ପୋଷୁଥିବା ଲୋକଙ୍କୁ ଛତା ବଣ୍ଟନ କରିଛନ୍ତି। ସୌଦାମିନୀ କେୟାରର ମୁଖ୍ୟ ତଥା ଚଳଚ୍ଚିତ୍ର ନିର୍ମାତା ମିଶ୍ରଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଟିଟିଲାଗଡ଼ ପୁରୁଣା ବ୍ୟାଙ୍କ ଛକରେ ଠେଲା ଚାଳକ, ଅସହାୟ ବୃଦ୍ଧା ବୃଦ୍ଧ, ଶିଶୁଙ୍କୁ ମଧ୍ୟ ଛତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନର ଉମାକାନ୍ତ ମିଶ୍ର, ସନ୍ତୋଷ ମହାନ୍ତି, ନିରୋଜ ପଟ୍ଟନାୟକ, କୋଶଲ ବିଶି, ସୁଧୀର ଦାଶ, ବିଶ୍ୱରଞ୍ଜନ ରଥ, ସୁଦୀପ୍ତ ତ୍ରିପାଠୀ, ସତ୍ୟମ ରାଓ, ସଞ୍ଜୟ ବଂଶଲ, ପଙ୍କଜ ଅଗ୍ରୱାଲ, ସୀତମ ସାଗର ବେଦବାକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଚଳଚ୍ଚିତ୍ର ନିର୍ମାତା ମିଶ୍ରଙ୍କ ମା'ଙ୍କ ନାମରେ ସୌଦାମିନୀ କେୟାର୍ସ ଅନୁଷ୍ଠାନ ଗଠନ କରାଯାଇଛି। ସିନେମା ଜଗତରେ ସୁନାମ ଅର୍ଜନ କରିଥିବା ମିଶ୍ର ଏହି ଅନୁଷ୍ଠାନ ଜରିଆରେ ସମାଜସେବା କରି ଚର୍ଚ୍ଚାରେ ରହିଛନ୍ତି।

## ଜନଶୁଣାଣି ଶିବିର

ଦେଓଗାଁ ,୫।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଯୋର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ଇ.ଓ ରମେଶ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠି ଜନଶୁଣାଣି ଶିବିରରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପାରମିତା ସାବତ, ଏପିଓ ସୁଧାଂଶୁ ଶେଖର ମେହେର, ଆରଡବ୍ଲୁଏସଏସ ଜେ.ଇ ବବିତା ବେହେରା, ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ପଞ୍ଚାୟତରେ ଅଧିକାଂଶ ହିତାଧିକାରୀ ଆବାସ ଯୋଜନା ଓ ରାଶନ କାର୍ଡ ବିଷୟରେ ଅଭିଯୋଗ କରିଥିଲେ । ବିଡିଓ ସମସ୍ତଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ମାସେ ଭିତରେ ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଖପ୍ରାଖୋଲ,୫।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ହରିଶଙ୍କରଠାରେ ଶ୍ରାବଣ ତୃତୀୟ ସୋମବାରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ରାତିରୁ ଲମ୍ବା ଧାଡ଼ିରେ ରହି ବାବାଙ୍କ ନିକଟରେ ଜଳାଭିଷେକ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଅଘରିଆ ଭବନ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶକୁ ସ୍ୱାଗତ

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଭୁବନେଶ୍ୱରଠାରେ ତିଆରି ଚାଲିଥିବା ବିବାଦୀୟ ଅଘରିଆ ଭବନ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶ ଦିଆଯିବା ପରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଧନ୍ୟବାଦ ଜଣାଯାଇଛି। ଗତ ଝାରସୁଗୁଡା ଉପନିର୍ବାଚନ ସମୟରେ ପଶ୍ଚିମ ଓଡିଶାରେ ବସବାସ କରୁଥିବା ଅଘରିଆ ସମାଜ ପାଇଁ ଭୁବନେଶ୍ୱରଠାରେ ୦.୫୦ ଏକର ଜମିରେ ଏବଂ ୩ କୋଟି ଟଙ୍କାରେ ଅଘରିଆ ଭବନ ନିର୍ମାଣ ପାଇଁ ତତ୍କାଳୀନ ସରକାର ଘୋଷଣା କରିଥିଲେ।

ତେବେ ସରକାରଙ୍କ ଏହି ଘୋଷଣା ପରେ ଭୁବନେଶ୍ୱରର ଏକ ସଙ୍ଗଠନ ଚଞ୍ଚକତା କରି ପୂର୍ବ ସରକାରଙ୍କ ଠାରୁ ମିଳିଥିବା ଜମି ଓ ଟଙ୍କାକୁ ନିଜ ନାମରେ କରିନେଇଥିବା ନେଇ ଅଖିଳ ଭାରତୀୟ ଅଘରିଆ ସମାଜ ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପଶ୍ଚିମ ଓଡିଶାରେ ବସବାସ କରୁଥିବା ଅଘରିଆ ସମାଜର ଲୋକଙ୍କ ପାଇଁ ଅଘରିଆ ଭବନ ନିର୍ମାଣ କରାଯାଉ ବୋଲି ଅଖିଳ ଭାରତୀୟ ଅଘରିଆ ସମାଜ ଦାବି କରିଥିଲେ। କିନ୍ତୁ ଗତ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ତେବେ ସରକାର ପରିବର୍ତ୍ତନ ପରେ ଅଖିଳ ଭାରତୀୟ ଅଘରିଆ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅଭିଯୋଗ ପାଇବା ପରେ ଏହି ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ଅଘରିଆ ଭବନ ନିର୍ମାଣ କାମ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ସରକାରଙ୍କ ଏହି ପଦକ୍ଷେପକୁ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ସମସ୍ତ କର୍ମକର୍ତ୍ତା ସ୍ୱାଗତ କରିଛନ୍ତି। ଅଘରିଆ ସମାଜ ଆଞ୍ଚଳିକ କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ମୁଖ୍ୟମନ୍ତ୍ରୀ ମାଝି, ଉପମୁଖ୍ୟମନ୍ତ୍ରୀ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଓ ବଲାଙ୍ଗୀର ଏମପି ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାଉଁଶ ଭରସାରେ ବିଦ୍ୟୁତ୍ ତାର

ଲୋଇସିଂହା,୫।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର ବସ୍ତି ମଝିରେ ଗତ ଦୁଇ ସପ୍ତାହ ହେଲା ବାଉଁଶ ଭରସାରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ତାର ସଂଯୋଗ କରାଯାଇଛି। ତେବେ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବିଦ୍ୟୁତ୍ ବିଭାଗର ଏପରି ଖାମଖିଆଲି ମନୋଭାବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଲୋଇସିଂହା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ବାଦିବାହାଲ ଗ୍ରାମର ବସ୍ତି ମଧ୍ୟଭାଗରେ ଥିବା ସୁବଳ ସାହୁଙ୍କ ତେଜରାଜି ଦୋକାନ ସମ୍ମୁଖ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଦୀର୍ଘ ଦିନ ପରେ ସେହି ଖୁଣ୍ଟକୁ ହଟାଯାଇ ସଂଯୋଗ କରା ନ ଯାଇ ସୁବଳଙ୍କ ଘର ବାଲକୋନୀ ଏବଂ ରାସ୍ତାର ଅପରପାର୍ଶ୍ୱରେ ଥିବା ଏକ ପରିବାରର ଛାତ ଉପରେ ବାଉଁଶ ରଖି ବିଦ୍ୟୁତ୍ ତାରକୁ ଅସ୍ଥାୟୀ ଭାବେ ସଂଯୋଗ ଦିଆଯାଇଛି। ଏବେ ବର୍ଷାଋତୁ ହୋଇଥିବାରୁ ବେଳେ ବେଳେ ବର୍ଷା ସାଙ୍ଗକୁ ପବନ ବହୁଛି। ଯଦି କୌଣସି କାରଣରୁ ବାଉଁଶ ପଡିଯାଏ ତେବେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଧନଜୀବନ କ୍ଷୟକ୍ଷତି ଘଟିବାର ଆଶଙ୍କା ରହିଛି। ଏହାଛଡା ସୁବଳଙ୍କ ପରିବାରରେ ଛୋଟ ପିଲା ଥିବାରୁ ବାଲକୋନୀ ପାଖକୁ ଗଲେ ଅଘଟଣ ଘଟିବାର ଭୟ ରହୁଛି। ଏ ନେଇ ସୁବଳ ଓ ଗ୍ରାମବାସୀ ବିଭାଗୀୟ ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ବିଭାଗୀୟ କର୍ମଚାରୀମାନେ ବର୍ଷା ହେଉଛି କହି ଦିନ ଗଡାଉ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ବାଦିବାହାଲ ଗାଁ ମଝିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ।

# ଧକ୍କା ଦେଲା ପିକ୍‌ଅପ, କାଉଡ଼ିଆ ମୃତ

## ସାଥୀ କାଉଡ଼ିଆଙ୍କ ସହ ବାଇକ୍‌ରେ ଯାଉଥିଲେ

ଅମରପାଲି/ଉଲୁଣ୍ଡା,୫।୮ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ଶ୍ରାବଣର ତୃତୀୟ ସୋମାବାର ସାଙ୍ଗ ସହିତ ବୋଲବମ ଯାଉଥିବା ବେଳେ ଧକ୍କା ଦେଲା ପିକ୍‌ଅପ। ଦୁର୍ଘଟଣାରେ ଜଣକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୋନପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ଥାନା ସାଲେସିଙ୍ଗ ନିକଟରେ ଘଟିଛି ଏହି ଦୁର୍ଘଟଣା। ଦୁର୍ଘଟଣାରେ ମୃତକ ଜଣକ ହେଉଛନ୍ତି ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମର ସୁଧାଂଶୁ ଭୁକ୍ତା(୨୦)। ଗୁରୁତର ଅହତ ଜଣକ ଉଲୁଣ୍ଡା ଥାନା ଅନ୍ତର୍ଗତ ଦେଖିଣପାଲି ଗ୍ରାମର ବୁଲୁ ଭୁକ୍ତା ବୋଲି ଜଣା ପଡିଛି।



ମୃତ ସୁଧାଂଶୁ ଜଣେ ରାଜମିସ୍ତ୍ରୀ। ପ୍ରାୟ ଏକ ମାସ ହେବ ସେ ଦେଖିଣପାଲିରେ ରହି ମିସ୍ତ୍ରୀ କାମ କରୁଥିଲେ। ସୋମବାର ପୂର୍ବାହ୍ନରେ ସେ ଓ ତାଙ୍କ ସାଙ୍ଗଙ୍କ ସହ ବାଇକ(ନଂ. ଓଡି ୩୧ ଏଲ ୫୩୯୪) ଯୋଗେ ସମ୍ବଲପୁର ଜିଲା ଧମା ସ୍ଥିତ ବକ୍ର ମନ୍ଦିରକୁ ବୋଲବମ ଯାଉଥିଲେ। ମାତ୍ର ଉଲୁଣ୍ଡା ଥାନା ଅନ୍ତର୍ଗତ ସାଲେସିଙ୍ଗ ବୁଲାଣି ରାସ୍ତାରେ ସମ୍ବଲପୁର ପଟୁ ଆସୁଥିବା ପିକ୍‌ଅପ(ନଂ.ଓଡି ୧୫ ୱାଇ ୫୬୩୫)ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନା ନେଇଥିଲେ। ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଥିବାରୁ ତାଙ୍କୁ ଭିମସାର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁଧାଂଶୁଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତଦେହ କଲୁତୁରପଙ୍କ ଅଣାଯାଇ ଗ୍ରାମର ଶ୍ମଶାନ୍‌ରେ ଅନ୍ତିମ ସତ୍କାର କରାଯାଇଥିଲା। ମୃତ ସୁଧାଂଶୁ ଲୁତୁରପଙ୍କ ଜୟ ଜଗନ୍ନାଥ କ୍ରିକେଟ କ୍ଲବର ସକ୍ରିୟ ସଭ୍ୟ ଥିଲେ। ଏନେଇ ସ୍ଥାନିୟ କ୍ଲବର ସଭ୍ୟମାନେ ମୃତକ ଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା କରି ଶୋକବ୍ୟକ୍ତ କରିଛନ୍ତି। ଉଲୁଣ୍ଡା ପୋଲିସ ଉଭୟ ବାଇକ ଓ ପିକଅପକୁ ଜବତ କରିଛି।

# ଆଳୁଚାଷ ପାଇଁ ମିଳୁନି ଆବଶ୍ୟକ ପ୍ରୋତ୍ସାହନ

ଅମରପାଲି,୫।୮ (ପୀତାମ୍ବର ସାହୁ)



ସଂପ୍ରତି ରାଜ୍ୟରେ ଆଳୁର ଅଭାବଜନିତ ମୂଲ୍ୟବୃଦ୍ଧି ଘଟି ବିଷମ ପରିସ୍ଥିତି ସୃଷ୍ଟି କରିଛି। ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆସିବା ବନ୍ଦ ହେବା ପରେ ରାଜ୍ୟ ସରକାର ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏପରିସ୍ଥଳେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଆଳୁଚାଷ ପାଇଁ ଅନୁକୂଳ ପରିବେଶ ଥିଲେ ବି ସ୍ଥାନୀୟ କୃଷି ବିଭାଗ ତରଫରୁ ଚାଷୀଙ୍କୁ ସଚେତନ କରାଯାଉନାହିଁ। ରାଜ୍ୟ ସରକାର ଆଳୁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ରାଶି ଠୁ ଆରମ୍ଭ କରି ବିହନ ଯୋଗାଇ ଦେଉଥିଲେ ମଧ୍ୟ ବୀରମହାରାଜପୁର କୃଷି ଜିଲାରେ ଚାଷୀ ଏହି ଚାଷ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। ହାତଗଣତି କେତେକ ମିଶନ ଶକ୍ତି ଗ୍ରୁପ ଓ ଚାଷୀ ଆଳୁ ଚାଷ କରୁଛନ୍ତି। ଯାହା ବି ଆଳୁ ଉତ୍ପାଦନ ହେଉଛି ତାକୁ ରଖିବା ପାଇଁ କୃଷି ଜିଲାରେ କୌଣସି ଶୀତଳ ଭଣ୍ଡାର ନାହିଁ। ଫଳରେ ଅମଳ ପରେ କମ୍‌ଦାମରେ ଚାଷୀ ଆଳୁ ବିକି ଦେବାକୁ ବାଧ ହେଉଛି।

ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଭାଲୁଡୁଙ୍ଗୁରୀ ଗ୍ରାମର ଚାଷୀ ଶେଷଦେବ ମାଝୀ କହନ୍ତି, ଆଳୁ ଚାଷୀଙ୍କ ପାଇଁ କ'ଣ ସରକାରୀ ପ୍ରୋତ୍ସାହନ ରହିଛି ସେନେଇ ଉଦ୍ୟାନ କୃଷି ବିଭାଗ ତରଫରୁ ଆମକୁ କୌଣସି ସୂଚନା ଦିଆ ଯାଉନାହିଁ। ତେଣୁ ଆମେ ଏହି ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହୁଁ। ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡ଼ାଲ ଗ୍ରାମର ବିନୟ ପ୍ରଧାନ, କୈଳାସ ପ୍ରଧାନ ଓ ବିଶ୍ୱାମିତ୍ର ପ୍ରଧାନ କହିଛନ୍ତି ପ୍ରତିବର୍ଷ ନିଜସ୍ୱ ଉଦ୍ୟମରେ ଆଳୁଚାଷ କରୁଛୁ। କୌଣସି ସରକାରୀ ସହାୟତା ଦୂରର କଥା, ଉଦ୍ୟାନ କୃଷି ବିଭାଗ ତରଫରୁ ସେମାନଙ୍କୁ ପରାମର୍ଶ ଅଥବା ବୈଷୟିକ ସହାୟତା ଯୋଗାଇ ଦିଆଯାଉନାହିଁ।

### ବୀରମହାରାଜପୁର କୃଷି ଜିଲାରେ ନାହିଁ ଶୀତଳଭଣ୍ଡାର

ସରକାରୀ ସହାୟତା ମିଳିଲେ ସେମାନେ ଉତ୍ସାହିତ ହୋଇ ଅଧିକ ପରିମାଣରେ ଆଳୁଚାଷ କରନ୍ତେ ବୋଲି କହିଛନ୍ତି।

ବୀରମହାରାଜପୁର ଉଦ୍ୟାନ କୃଷି ବିଭାଗ ତରଫରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୨-୨୩ କୃଷିବର୍ଷରେ ବୀରମହାରାଜପୁର ବ୍ଲକ ରେ ମାତ୍ର ୨୦ ହେକ୍ଟର ଜମିରେ ଆଳୁ ଚାଷ ହୋଇଥିଲା। କୃଷି ଜିଲାର ଉଭୟ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୪୪୩ ଚାଷୀଙ୍କୁ ବିଭାଗ ତରଫରୁ ଆଳୁ ବିହନ ଯୋଗାଇ ଦିଆଯାଇଥିଲା। ତନ୍ମଧ୍ୟରୁ ବୀରମହାରାଜପୁର ବ୍ଲକର ମାତ୍ର ୧୧୯ଜଣ ଚାଷୀ ଆଳୁଚାଷ କରିଥିଲେ। ଚାଷ ପାଇଁ ହେକ୍ଟର ପିଛା ୧୫ କୁଇଣ୍ଟାଲ ଲେଖାଏ ଆଳୁ ବିହନ ଦିଆ ଯାଇଥିଲା। ଏ ବାବଦକୁ ଚାଷୀଙ୍କୁ ହେକ୍ଟର ପିଛା ପ୍ରାୟ ୫୮ ହଜାର ଟଙ୍କା ଲେଖାଏ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ତଥ୍ୟ ଅନୁସାରେ ଏହି ବ୍ଲକରେ ପ୍ରାୟ ୪ ହଜାର କୁଇଣ୍ଟାଲ ଆଳୁ ଉତ୍ପାଦନ ହୋଇଥିଲା। ମାତ୍ର ଅମଳ ଆଳୁକୁ ସାଇତି ରଖିବା ପାଇଁ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ବାଧ ହୋଇ କମ ଦାମରେ ବିକ୍ରି କରିଥିଲା। ତେଣୁ ଚାଷୀ ଯେତେ ପରିମାଣର ଲାଭ ଆଶା ରଖିଥିଲା ସେତିକି ପାଇ ପାରିଲା ନାହିଁ। ଚାଷୀଙ୍କୁ ଆଳୁ ଚାଷ ପାଇଁ ସଚେତନ କରିବା ପାଇଁ ସରକାର ନିର୍ଦ୍ଦେଶ ଥିଲେ ମଧ୍ୟ ବିଭାଗ ବାଧବାଧକରେ ହାତଗଣତି କେତେଜଣ ଅଣ ଚାଷୀଙ୍କୁ ଡାକି ନାଁକୁ ମାତ୍ର ସଚତେନ କରୁଥିବା ଦେଖିବାକୁ ମିଳିଥାଏ। ଚଳିତ ୨୦୨୪-୨୫ କୃଷିବର୍ଷରେ ଉଭୟ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକ ପାଇଁ ୩୦ ହେକ୍ଟର ଲେଖାଏ ସମୁଦାୟ ୬୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଯୋଜନା ରହିଥିବା ବିଭାଗ ସୂଚନା ଦେଇଛି। ଏନେଇ ଚାଷୀଙ୍କୁ ବିହନ ଯୋଗାଇ ଦେବା ସହିତ ସବ୍‌ସିଡି ମଧ୍ୟ ପ୍ରଦାନ କରିବାର ବ୍ୟବସ୍ଥା ଅଛି। ଅଞ୍ଚଳରେ ଆଳୁ ଉପଯୋଗୀ ଚାଷ ଜମି ନ ଥିବା ଏବଂ ଅମଳ ଆଳୁକୁ ରଖିବା ପାଇଁ ଶୀତଳ ଭଣ୍ଡାର ନ ଥିବା ଯୋଗୁ ଚାଷୀ ଏହି ଚାଷପାଇଁ ଆଗ୍ରହ ଦେଖାଉ ନ ଥିବା ବୀରମହାରାଜପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଧର ଦାସ ପ୍ରକାଶ କରିଛନ୍ତି। ଅଞ୍ଚଳର ଚାଷୀଙ୍କୁ ସଚେତନ କରି ଆଳୁ ଚାଷ ପ୍ରତି ଆକର୍ଷିତ କରିବା ସହିତ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ସାଧାରଣରେ ଦାବି ହେଉଛି।

# ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ




ସୋନପୁର ଉପକାରାଗାର ସମ୍ମୁଖରେ କମିଟିର ସଦସ୍ୟମାନେ।

ସୋନପୁର, ୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି ଓ ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସୋମବାର ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲିଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଉପକାରାଗାର ପରିଦର୍ଶନ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ସହିତ ଏକ ଶିବିରର ଆୟୋଜନ କରାଯାଇଥିଲା। କମିଟି ସଦସ୍ୟମାନେ ଅନ୍ତେବାସୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉପକାରାଗାରରେ ଆଇନ ସହିତ ଦ୍ୱନ୍ଦ୍ୱରେ ଥିବା କୌଣସି ଶିଶୁ ନଥିବା ପରିଦର୍ଶନ ସମୟରେ ଜଣା ପଡିଥିଲା। ଉପକାରାଗାର ଅଧିକ୍ଷକ ଡିଲେଶ୍ୱର ଜେନା ଏଥିରେ ସହଯୋଗ କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ବିଡ଼ିଓ ବିପିନ ବିହାରୀ ଦୀପ ଓ ଅନ୍ୟ ଅଧିକାରୀ।

ଡୁଙ୍ଗୁରିପାଲି, ୫।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସିଡିପିଓ ଜୟନ୍ତୀ ଗଡତିଆ, ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ବିଜୟ କୁମାର ଭୋଇ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାୟକ, ଖେଳ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ଖେଳ ଶିକ୍ଷକ ଦେବରାଜ ସେଠ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପାଳନର ରୂପରେଖ ଉପରେ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ଉକ୍ତ ଦିନ ପ୍ରାତଃ ସମୟରେ ଡୁଙ୍ଗୁରିପାଲି ସହରରେ ରାମଧୁନ ପ୍ରଚାର କରାଯିବ । ପ୍ରଭାତ ଫେରି ସକାଳ ୬ ଟାରେ କରାଯିବ। ପରେ ସହରର ବିଭିନ୍ନ ଛକ ଓ କାର୍ଯ୍ୟାଳୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୭ଟା ୩୦ରୁ ୮ଟା ମଧ୍ୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ସବୁ ବିଇଓ ଅଫିସ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପରେ ହେବ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୋବାଇଲ ଚୋର ଗିରଫ

ଘଣ୍ଟାପଡ଼ା,୫।୮ (ପ୍ରଭାତ କୁମାର ସାହୁ)

ମୋବାଇଲ ଚୋରି ଅଭିଯୋଗରେ ଏ. ଅର୍ଜୁନ (୨୦) ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି । ତାଙ୍କ ଘର ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ଗଣ୍ଡାପାଲ୍ଲୀ ଗ୍ରାମରେ । ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରାରେ ରବିବାର ସାପ୍ତାହିକ ବଜାର ଚାଲିଥିବା ବେଳେ ଖୁଣ୍ଟିଗୋରା ଗ୍ରାମର ଶଙ୍କର୍ଷଣ ସାହୁଙ୍କ ପକେଟରୁ ଜଣେ ବ୍ୟକ୍ତି କୌଶଳ କ୍ରମେ ମୋବାଇଲ ଚୋରି କରୁଥିବା ବେଳେ ଲୋକଙ୍କ ହାତରେ ଧରା ପଡିଥିଲା । ଖବରପାଇ ଘଣ୍ଟାପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଚୋରି ମୋବାଇଲ ଜବତ କରାଯାଇ ଅଭିଯୋଗକାରୀ ଶଙ୍କର୍ଷଣଙ୍କ ଜିମା ଦିଆଯାଇଛି । ଏନେଇ ନଂ ୧୦୫/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି ।

# ଜ୍ଞାନ ବିଜ୍ଞାନ ମେଳାରେ ୩୩୫ ପ୍ରକଳ୍ପ



ଜ୍ଞାନ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥିମାନେ।

ଡୁଙ୍ଗୁରିପାଲି, ୫।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇ ଯାଇଛି। ବିଜ୍ଞାନ ଶିକ୍ଷକ ଚତୁର୍ଭୁଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅମ୍ଳାନ ପାଣ୍ଡିଆ, ସୁଶାନ୍ତ ମେହେର, କୃଷ୍ଣ କୁମାର ସା, ମନୋଜ ପଧାନ, ସୁଶ୍ରୀ ପୁରୋହିତ ଯୋଗ ଦେଇ ଶିଶୁ ଭଉଣୀ ଭାଇମାନଙ୍କୁ ବିଜ୍ଞାନର ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମେଳାରେ ପ୍ରାକବର୍ଗ, ଶିଶୁବର୍ଗ, ବାଳବର୍ଗ ଓ କିଶୋର ବର୍ଗରେ ମୋଟ ୩୩୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପତ୍ର ବାଚନ, ଆଶୁ ଭାଷଣ, ନିବନ୍ଧ ଲିଖନରେ, ଛାତ୍ରୀଛାତ୍ର ଭାଗ ନେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡ଼କ୍ଟର ଶ୍ରୀଧର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥି ଭାବେ ପରିଚାଳନା ସମିତି ସହ ସମ୍ପାଦକ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ମେହେର ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ୧୮୦ ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ବିଶ୍ୱାଳ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୁତିଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ପୌଲସ୍ତି ହୋତା ଓ ତୀର୍ଥ ମହାକୁଡ଼ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ କିଶୋର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜ୍ଞାନବିଜ୍ଞାନ ମେଳାରେ ୩୮ ପ୍ରକଳ୍ପ ପ୍ରଦର୍ଶିତ

ଖୁଣ୍ଟିଗୋରା,୫।୮ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଉମାର ସଂସ୍କୃତ ଶିକ୍ଷୟିତ୍ରୀ ଶୁଭସ୍ମିତା ରଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା କୋଷାଧ୍ୟକ୍ଷ ମନ୍ଦରଧର ବେହେରା ବିଜ୍ଞାନ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ମେଳାରେ ମୋଟ ୩୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଉମାର ବିଜ୍ଞାନ ଶିକ୍ଷୟିତ୍ରୀ ଅଙ୍କିତା ମଲ୍ଲିକ, ଖଇରମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରସନ୍ନ କୁମାର ସାହୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫଟମୁଣ୍ଡାର ସ୍ୱାରକ ସାହୁ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ବୋଧ ପ୍ରଶ୍ନମଞ୍ଚ, ନିବନ୍ଧ ପ୍ରତିଯୋଗିତା କରାଯାଇଥିଲା। ମେଳାରେ ୧୨୮ ଜଣ ଶିଶୁ ଭଉଣୀଭାଇ ଭାଗ ନେଇଥିଲେ ଓ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ରୋଶନ ସାହୁ, ନେପାଳ ପ୍ରଧାନ, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମନହିରା, ଝରଣା ପ୍ରଧାନ, ମମିତା ରଣା, ବେଦମତି କୁଦେଇ, ସୁରୁସୂତା ଭୋଇ, ସ୍ୱାଗତିକା ନାଗ, ସାଇବାନୀ ପାତ୍ର ସହଯୋଗ କରିଥିଲେ। ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ର।

# କେନାଲ ରାସ୍ତାରେ ଗର୍ତ୍ତ, ଯାତାୟାତରେ ସମସ୍ୟା

ବାଉଁଶୁଣୀ,୫।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ବାଦୀକଟା ଗ୍ରାମ ନିକଟ ମୁଖ୍ୟ କେନାଲ ରାସ୍ତାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯାଉ ନ ଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟତ କରୁଛନ୍ତି। ମୁଖ୍ୟ କେନାଲରୁ ମାଇନର କେନାଲକୁ ଯାଇଥିବା ପୋଲ ନିକଟରେ କିଛି ଦିନ ତଳେ ଏକ ଖାଲ ସୃଷ୍ଟି ହୋଇଥିବା ବେଳେ କାଳକ୍ରମେ ତାର ଆକାର ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ରାସ୍ତାରେ ହୋଇଥିବା ଖାଲ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବୌଦ୍ଧ,୫।୮ (ଅଜିତ କୁମାର ବାରିକ)

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୬ ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ପ୍ରବୀର ଦାସ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ପୁରୋହିତ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପତି ଯୋଗ ଦେଇଥିଲେ । ମୁଖ୍ୟଅତିଥି ପତି ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ଗଣିତର ଗୁରୁତ୍ୱ ସହ ଭବିଷ୍ୟତରେ କିଭଳି ଜଣେ ଜଣେ ବୈଜ୍ଞାନିକ ହେବେ ସେ ନେଇ ଆଲୋକପାତ କରିଥିଲେ । ବିଚାରକ ଭାବେ ଅଧ୍ୟାପିକା କରିସ୍ମା ସେଠୀ, ବିଜ୍ଞାନ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ବେହେରା କାର୍ଯ୍ୟ ତୁଲାଇଥିଲେ । ବିଦ୍ୟାଳୟର ସମ୍ପାଦକ ଯୋଗଦେଇ କୁନୀ ବିଜ୍ଞାନୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ବିଜ୍ଞାନ ମେଳାରେ ପ୍ରାକ୍ ଶିଶୁ, ଶିଶୁ ବାଲ ଓ କିଶୋର ବର୍ଗରେ ବିଜ୍ଞାନ ବିଭାଗରେ ୧୪୮ ଓ ଗଣିତ ବିଭାଗରେ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶେଷରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ ।



ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ସମସ୍ତ ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୂରଜ କୁମାର ପଟ୍ଟନାୟକ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୋନପୁର ପ୍ରହଲ୍ଲାଦ ନାୟକ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଅଶୋକ କୁମାର ମିଶ୍ର, ସୋନପୁର ତହସିଲଦାର ସୌମ୍ୟାରୂପା ରଥଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ ।



ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଗାଡ଼ି ଓଲଟି କର୍ମଚାରୀ ମୃତ

**କୁଆଁରମୁଣ୍ଡା,୫।୮(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ନାଇକେନବାହାଲ ଅଞ୍ଚଳରେ ଥିବା ଏକ ଘରୋଇ କାରଖାନାରେ ଭଡ଼ାରେ ଲାଗିଥିବା ଗାଡି ( ନଂ.ଓଆର ୧୪ ଡବ୍ଲ୍ୟୁ୨୦୩୦) ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସେଥିରେ ଥିବା ୬ରୁ ଉର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଥିବା ବେଳେ ଜଣେ କର୍ମଚାରୀଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ କାହ୍ନୁ ଚରଣ ବିଶ୍ୱାଳ(୪୬)। ସେ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର -୬ ରେ ରହି କୁଆଁରମୁଣ୍ଡା ନାଇକେନବାହାଲସ୍ଥିତ ଉକ୍ତ ଘରୋଇ କାରଖାନାକୁ ଯାତାୟାତ କରୁଥିଲେ ବୋଲି ତାଙ୍କର ସମ୍ପର୍କୀୟ ଫାଣ୍ଡିରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା ରୁଜୁ କରି ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଡାକ୍ତରଖାନାରୁ ମୃତଦେହ ଜବତ କରିଛି। ଅନ୍ୟପକ୍ଷରେ ଉକ୍ତ ଗାଡ଼ିର ଫିଟନେସ ଠିକ ଅଛିକି ନାହିଁ ତାହାକୁ ନେଇ ପୋଲିସ ମଧ୍ୟ ତଦନ୍ତ ଜାରି ରଖିଛି।

# ଜନହିତକର କାର୍ଯ୍ୟରେ ନିଃସ୍ୱାର୍ଥପର ଯୋଗଦାନ ଜରୁରୀ

**ରାଉରକେଲା, ୫।୮(ଦିନେଶ ମିଶ୍ର)**

### ରାଉରକେଲା ରୋଟାରୀ କ୍ଲବ ଅର୍ବାନର ସ୍ଥାପନା ଦିବସ ପାଳିତ

ରାଉରକେଲା ବ୍ରାହ୍ମଣୀ କ୍ଲବ ପରିସରରେ ରାଉରକେଲା ରୋଟାରୀ କ୍ଲବ ଅର୍ବାନର ସ୍ଥାପନା ଦିବସ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡାକ୍ତର ରାମଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ଥାପନା ଦିବସରେ ଡିଜିଏନ ରୋଟାରୀୟାନ ଆଲାମ ସିଂ ରୂପ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଟାରୀ କ୍ଲବ ମାଧ୍ୟମରେ ହେଉଥିବା ବିଭିନ୍ନ ସେବାକାର୍ଯ୍ୟକୁ ଆଲୋଚନା କରିଥିଲେ। ସେବା ଭାଗ୍ୟରେ ଥିଲେ ମିଳେ। ତେଣୁ ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ ଜନହିତ କାର୍ଯ୍ୟରେ କ୍ଲବର ସମସ୍ତ କର୍ମକର୍ତ୍ତା କିଭଳି ନିଃସ୍ୱାର୍ଥପର ଭାବେ ସେବା କରିପାରିବେ ସେ ନେଇ ଅତିଥି ରୂପ୍ରା ଆହ୍ୱାନ ଦେଇଥିଲେ। ଏଥିସହ ରୋଟାରୀ କ୍ଲବ ଅର୍ବାନର ସ୍ଥାପନା ମାତ୍ର ୪ ମାସ ଭିତରେ ଯେଉଁଭଳି ଜିଲାରେ କାର୍ଯ୍ୟ କରୁଛି ତାହା ସମସ୍ତଙ୍କ ପାଇଁ ଉଦାହରଣ ପାଲିଟିବ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବର ଆସିଷ୍ଟାଣ୍ଟ ଗଭର୍ନର ରୋଟାରିୟାନ ଗୁରିନ୍ଦର ସିଂହ ଉପସ୍ଥିତ ଥିଲେ। ଜୀବନରେ ଲକ୍ଷ୍ୟ ରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିଥାଏ। ଜୀବନରେ ସଫଳତା ହିଁ ଏକ ପରିବାର, ସମାଜ ତଥା ଦେଶ ସମୃଦ୍ଧିର ପ୍ରତୀକ ବୋଲି ସଭାପତି ରୋଟାରିଆନ ଡାକ୍ତର ମେହେର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ୪ ଜଣ ନୂତନ ସଦସ୍ୟଙ୍କୁ କ୍ଲବର ସାର୍ଟିଫିକେଟ୍, ରୋଟାରୀ ପିନ୍ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ୪ ଜଣ ଖବରଦାତାଙ୍କୁ ମଧ୍ୟ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। କ୍ଲବର ମଞ୍ଜୁରାଣୀ ମେହେର, ଅଞ୍ଜୁ କକ୍କଡ, ଅଶ୍ୱିନୀ କୁମାର ପାତ୍ର, କେ. କେ. ବର୍ମା, ଡି. ମୋହନ ରାଓ, ପ୍ରାଞ୍ଜଳି ନାଗ, ରବିକାନ୍ତ ସିଂ, ଉଷା ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍ମିତା ମଞ୍ଚ ପରିଚାଳନା କରିଥିବାବେଳେ ଉଦିତ କୁମାର ସାହୁ ଓ ଆଲୋକ ଗୋୟୋଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦେବବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ନୂତନ ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି।

# ପିସି ପାଇଁ ଅଟକି ରହୁଛି ବିଲ୍



**କୁତ୍ରା,୫।୮(ଦେବାଶିଷ ସାହୁ)**

### ଜିଲା ପ୍ରଶାସନକୁ ଫେରାଦ ହେଲେ ବ୍ଲକ ଅଧକ୍ଷା

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ପିସି ନାହିଁତ ବିଲ ନାହିଁ ନୀତିରେ ଚାଲିଛି କାର୍ଯ୍ୟ। ଏହାକୁ ନେଇ ସୋମବାର ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପୁରକାପାଲି ପଞ୍ଚାୟତ କାନ୍ଦୋପଡ଼ା ଠାରେ ୨୦୨୩-୨୪ରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଏବଂ ଏଇଙ୍କ ତଦାରଖରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବିଲ ପାଇଁ ବିଡିଓ ଓ ବ୍ଲକ ଅଧକ୍ଷାଙ୍କ ଦସ୍ତଖତ ୨୦୨୪ ନଭେମ୍ବର ୨୭ରେ ହୋଇଥିଲା। ବର୍ତ୍ତମାନ ୩୯ ଦିନ ବିତିଯାଇଥିଲେ ସୁଦ୍ଧା ବିଲ ପୈଠ ହୋଇ ନ ଥିବା ସେ କହିଥିଲେ। ଏହା କେବଳ ଗୋଟିଏ କାର୍ଯ୍ୟ ନୁହେଁ ସମସ୍ତ ଠିକାଦାର ବିଲ ପାଇଁ ହଇରାଣ ହେଉଥିବା ସେ କହିଛନ୍ତି। ପିସି ନ ଦେଲେ ଫାଇଲ କାମ କରାଯାଉ ନ ଥିବା ସରପଞ୍ଚ ଓ ପଞ୍ଚାୟତ ସମିତି ମେମ୍ବରମାନେ ବାରମ୍ବାର ଅଭିଯୋଗ ଆଣୁଛନ୍ତି। ତାଙ୍କ କଥା କେହି ଶୁଣୁ ନ ଥିବା ସେ କହିଛନ୍ତି। ତେଣୁ ଏହାର ଠିକ ତଦନ୍ତ କରି ଯେଉଁ ଅଫିସରମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବା ଅନ୍ୟତ୍ର ବଦଳି କରିବା ପାଇଁ ସେ କହିଛନ୍ତି। ଏହାକୁ ନେଇ ବିଡିଓ ଯୁଗଳକିଶୋର ବିଶ୍ୱାଳଙ୍କୁ ପଚାରିବାରୁ, ଫାଇଲରେ କିଛି ତ୍ରୁଟି ଥିବା ନେଇ ଫାଇଲ ଅଟକି ରହିଛି। ତେବେ ଏତେଦିନ ଧରି ଫାଇଲ ଅଟକିବା ସତରେ ଫାଇଲରେ ତ୍ରୁଟି ରହିଛି ନା ପିସି ପାଇଁ ଅଟକିଛି ତାହା ଜିଲା ପ୍ରଶାସନ ତଦନ୍ତ କଲେ ପ୍ରକୃତ ସତ ପଦାକୁ ଆସିବ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଦେବାଂଶୀ



ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିବା ଦେବାଂଶୀ

**ସୁନ୍ଦରଗଡ,୫।୮(ଜୟନ୍ତୀ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଲୁହୁରାଡ଼ିପା ଅଞ୍ଚଳର ଦେବାଂଶୀ ସାହୁ ନିଜର ବିଚକ୍ଷଣ ସ୍ମୃତିଶକ୍ତି ବଳରେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇ ଗୌରବ ହାସଲ କରିଛନ୍ତି। ବୟସ ୪ ବର୍ଷ ୫ ମାସ। ୨୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଯେଉଁଥିରେ ସେ ୧୬ଟି ବିଭାଗରେ କୃତକାର୍ଯ୍ୟ ହୋଇଥିଲେ। ଗଣିତ ହେଉ କି ରାଇମସ, ଶ୍ଳୋକ ହେଉ ଅବା ପରିପୁରକ ଶବ୍ଦ। ଅତି ସହଜରେ ନିର୍ଭୁଲ ଭାବେ ନିର୍ଦ୍ଧାରିତ ସମୟ ମଧ୍ୟରେ କହିପାରୁଥିବା ଶିଶୁ କନ୍ୟା ଦେବାଂଶୀ। ୧୬ ଟି ବିଭାଗ ଯଥା ୨ ମିନିଟ ମଧ୍ୟରେ ୬୦ ଟି ଚିତ୍ରର ନାଁ, ୨୮ଟି ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗର ନାଁ, ୨୫ଟି ହିନ୍ଦୀ ଓ ଇଂରାଜୀ ନର୍ସରୀ ରାଇମସ, ୭ଟି ସଂସ୍କୃତ ଶ୍ଳୋକ ଏବଂ ୨୮ ଟି ରାଜ୍ୟ ରାଜଧାନୀର ନାଁ କହି ଏହି ସଫଳତା ହାସଲ କରିଛନ୍ତି। କେବଳ ସେତିକି ନୁହେଁ ୧୩୦ ଟି ପରିପୂରକ ଶବ୍ଦ, ୧୪ ଟି ଯୋଗ କ୍ରିୟା ଏବଂ ୬୪ ଟି ସାଧାରଣ ଜ୍ଞାନର ଉତ୍ତର ଦେଇ ପାରନ୍ତି ଏହି କୁନି ଝିଅ। ମା' ଦିପ୍ତୀମୟୀ ଓ ବାପା ବେଦ ପ୍ରକାଶଙ୍କ ଏକ ମାତ୍ର କନ୍ୟା ଦେବାଂଶୀ। ଦେବାଂଶୀଙ୍କ ଏହି ବିଚକ୍ଷଣ ପ୍ରତିଭା ପ୍ରଥମେ ମା' ଦିପ୍ତୀମୟିଙ୍କ ନଜରକୁ ଆସିଥିଲା। ଏହାପରେ ଦେବାଂଶୀଙ୍କ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଆଜି ତାହାର ଫଳ ମିଳିଛି ବୋଲି ମା' ବାପା କହିଛନ୍ତି।

# ୫୫ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

**ସୁନ୍ଦରଗଡ଼,୫।୮(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦ୍‌ଭାବନା ଭବନ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ତଥା ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୧୨୫ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୧୦୮ ବ୍ୟକ୍ତିଗତ,୧୭ ସାମୂହିକ ଅଭିଯୋଗ ରହିଥିଲା। ୫୫ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେଥି ମଧ୍ୟରୁ ୩୩ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ସେହିଭଳି ଅନ୍ୟ ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ ଅତିରିକ୍ତ ଜିଲିପାଳ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଭାରପ୍ରାପ୍ତ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ଆଜାଦ ହିନ୍ଦ୍ ୟୁଥ୍ କ୍ଲବ୍ ସଦସ୍ୟଙ୍କ ସହଯୋଗରେ ଚାରା ରୋପଣ

**ବଡ଼ଗାଁ,୫।୮(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ୍ ଭୋଇପାଲି ପଞ୍ଚାୟତ ଚେମଠାପଡ଼ା ଗ୍ରାମର ଆଜାଦ ହିନ୍ଦ୍ ୟୁଥ୍ କ୍ଲବ୍‌ର ଯୁବକଙ୍କ ସହଯୋଗରେ ଗ୍ରାମବାସୀ ମେଗା ଚାରା ରୋପଣ କାର୍ଯ୍ୟକ୍ରମ କରିଛନ୍ତି। ପରିବେଶପ୍ରେମୀ ଇଞ୍ଜିନିୟର ଅଜେକ ପ୍ରଧାନ ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଜୁଲାଇ ୮ରୁ ୩ଟି ପର୍ଯ୍ୟାୟରେ ସାଢ଼େ ୫ଶହ ଲିମ୍ବ, କରଞ୍ଜ, ଜାମୁ ଓ ଛତୀୟାନ ଚାରା ରୋପଣ କରିଥିଲାବେଳେ ସୋମବାର ଶେଷ ପର୍ଯ୍ୟାୟରେ ୫୦ଟି ଚାରା ରୋପଣ କରିଛନ୍ତି। କ୍ଲବ୍‌ର କର୍ମକର୍ତ୍ତା ବସନ୍ତ ଗୌଡ଼, ରାଜୁ ପ୍ରଧାନ, ବିକି ପ୍ରଧାନ, ଅରୁଣ ପ୍ରଧାନ, ବିଶ ପ୍ରଧାନ, ସୁରତରାମ ପ୍ରଧାନ, ହେମକୃଷ୍ଣ ପ୍ରଧାନ, କୁନାଲ ପ୍ରଧାନଙ୍କ ସମେତ ଗ୍ରାମର ଗୀତାଞ୍ଜଳି ପ୍ରଧାନ, ସରସ୍ୱତୀ ପ୍ରଧାନ, କୁଞ୍ଜଲତା ପ୍ରଧାନ, ପାର୍ବତୀ ପ୍ରଧାନ, ହେମକାନ୍ତୀ ପ୍ରଧାନ ପ୍ରମୁଖ ମହିଳା ଓ ଯୁବକମାନେ ଜଙ୍ଗଲ ପାର୍ଶ୍ୱ, ଚେମଠାପଡ଼ାରୁ ଗରିଆମାଲ ରାସ୍ତା ପାର୍ଶ୍ୱ, ଚେମଠାପଡ଼ାରୁ ଖରିକାମୁଣ୍ଡା ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରିଥିଲେ। ସୂଚନାଯୋଗ୍ୟ, ଗତ ୮ ବର୍ଷ ହେଲା ପରିବେଶ ସୁରକ୍ଷା ପ୍ରତି ସଚେତନ ଥିବା ଚେମଠାପଡ଼ା ଗ୍ରାମବାସୀ ଇଞ୍ଜିନିୟର ଅଜେକ ପ୍ରଧାନ ଓ ଅମିୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ରାସ୍ତା ପାର୍ଶ୍ୱ ଏବଂ ଜଙ୍ଗଲରେ ଚାରା ରୋପଣ କରି ଆସୁଛନ୍ତି। ଲଗାଯାଇଥିବା ଚାରାର ଯତ୍ନନେବା ଓ ସୁରକ୍ଷା ଦେଉଥିବାରୁ ପ୍ରତିବର୍ଷ ୭୦ରୁ ୮୦ ପ୍ରତିଶତ ଚାରା ବଞ୍ଚିଥିବା ଦେଖାଯାଇଛି। ଏହି ଅବସରରେ ଜିଲା ପରିଷଦ ସଭ୍ୟ ପ୍ରଧାନ କହିଛନ୍ତି, ବିଶ୍ୱତାପନ ବଢ଼ିଚାଲିଛି, ପରିଣତି ଭୟାବହ ହେବା ପୂର୍ବରୁ ଲୋକେ ସଚେତନହୋଇ ଚାରାରୋପଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।


ଚାରାରୋପଣ କରିଥିବା କ୍ଲବ୍ ସଦସ୍ୟଙ୍କ ସହ ଗ୍ରାମବାସୀ।

# ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ।

**ସୁନ୍ଦରଗଡ,୫।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ସଂସ୍ଥା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ସଂଯୋଜକଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଫାଇଲେରିଆ ରୋଗର ନିରାକରଣ ସମ୍ବନ୍ଧରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ସହକାରୀ ପ୍ରଫେସର ସୁନୀଲ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଏମ କେ ସ୍ୱାଇଁ, ରୁଦ୍ରଦେବ ନାୟକ, ବିବେକ ସା ପ୍ରମୁଖ ଯୋଗ ଦେଇଥିଲେ। ମଶା କାମୁଡିବା ଦ୍ୱାରା ଫାଇଲେରିଆ କୀଟାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଆନ୍ୟ ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରିଥାଏ। ସାଧାରଣତଃ ପ୍ରାରମ୍ଭିକ ଅବସ୍ଥାରେ କୌଣସି ଲକ୍ଷଣ ଜଣାପଡ଼େ ନାହିଁ। କୀଟାଣୁ ପ୍ରବେଶ ୧୦ରୁ୧୫ ବର୍ଷ ପରେ ରୋଗର ଲକ୍ଷଣ ଯଥା ଜ୍ୱର ଆସିବା,ଦେହ ହାତ ଘୋଳା ବିନ୍ଧା ହେବା,ଚର୍ମରୋଗ ଲାଲ ପଡିବା ଏବଂ ଫୁଲି ଦରଜ ହେବା। ୨ରୁ୩ ବର୍ଷ ପର୍ଯ୍ୟନ୍ତ ଯଦି ଲୋକ ବର୍ଷକୁ ଥରେ ଫାଇଲେରିଆ ନିରାକରଣ ପାଇଁ ଦିଆ ଯାଉଥିବା ଔଷଧ(ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା)ସେବନ କରନ୍ତି, ତେବେ ସେ ଫାଇଲେରିଆ ରୋଗରୁ ମୁକ୍ତ ହୋଇପାରିବେ ବୋଲି ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଯୁବ ରେଡକ୍ରସ ସଂସ୍ଥାର ସଂଯୋଜକ ସହକାରୀ ପ୍ରଫେସର ଚିତ୍ତରଞ୍ଜନ ବାରିକ ଏହି ରୋଗର କାରଣ ନିରାକରଣ ଓ ପ୍ରତିକାର ସମ୍ବନ୍ଧରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସହକାରୀ ପ୍ରଫେସର ସ୍ୱରୂପ ରଞ୍ଜନ ପଲେଇ ଧନ୍ୟବାଦ ଦେଇଥିଲେ।

# କୁପାଟାଙ୍ଗର ଗ୍ରାମରେ ଦେମୂଳ ପୂଜା

**ବାଲିଶଙ୍କରା,୫।୮(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ପଞ୍ଚାୟତ କୁପାଟାଙ୍ଗର ଗ୍ରାମରେ ଦେମୂଳ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଦେମୂଳ ପୂଜାରେ ବିଭିନ୍ନ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ନାଗରିକ, ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଗ୍ରାମର ମଙ୍ଗଳ କାମନା, ଚାଷକାର୍ଯ୍ୟ ସଫଳ, ଅମଳ ବୃଦ୍ଧି, ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଦେମୂଳ ପୂଜା କରାଯାଇଥିଲା। ପୂର୍ବରୁ କୁପାଟାଙ୍ଗର ଗ୍ରାମର ଗୌନ୍ତିଆ ସ୍ୱର୍ଗତ ହରିଚାନ୍ଦ ଛାଛନ ପୂଜକ (କାଲୋ) ଭାବେ ପୂଜା କରି ଗ୍ରାମରେ ଶାନ୍ତି ଶୃଙ୍ଖଳା ସହ ଚାଷକାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ଦେହାନ୍ତ ପରେ ତାଙ୍କ ୯ ଜଣ ପୁତ୍ର ମଧ୍ୟରୁ ତୃତୀୟ ପୁତ୍ର ଦେବାନନ୍ଦ ଛାଛନ ପୂଜକ (କାଲୋ) ଭାବେ ୨୩ ବର୍ଷରୁ ଅଧିକ ହେବ ଗ୍ରାମ ଦେବତାଙ୍କ ପୂଜା କାର୍ଯ୍ୟ ତୁଲାଇ ଆସୁଛନ୍ତି।

# ଭାରପ୍ରାପ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ଜଣାଇଲା ବିଜେଡି

**ସୁନ୍ଦରଗଡ,୫।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଭାରପ୍ରାପ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ସାକ୍ଷାତ କରି ସହରର ସରକାରୀ ବସଷ୍ଟାଣ୍ଡ ପାଖରେ ଥିବା ଏକ ମାତ୍ର ଜିଲା ପାଠାଗାର ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଛି। ଏହି ପାଠାଗାରଟି ପୂର୍ବତନ ଜିଲାପାଳ ନିଖିଳ ପୱନ କଲ୍ୟାଣଙ୍କ ଦ୍ୱାରା "ସୁନ୍ଦରଗଡ,ବହି ପଢ"ଅଭିଯାନ କ୍ରମରେ ଜିଲା ଖଣିଜ ପାଣ୍ଠି ( ଡିଏମଏଫ ) ର ଅନୁଦାନରେ ନୂଆ ରୂପରେ ରୂପାନ୍ତରିତ ହୋଇଥିଲା। ଏହି ପାଠାଗାରରେ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଜନସାଧାରଣ, ଛାତ୍ରୀଛାତ୍ର, ଯୁବତୀଯୁବକଙ୍କ ସହିତ ବୟସ୍କ ବ୍ୟକ୍ତିମାନେ ନିୟମିତ ଆସି ବିଭିନ୍ନ ଖବର କାଗଜ,ମାଗାଜିନ ଓ ବହିପତ୍ର ପଢ଼ିବା ତଥା ଟିଭି ମାଧ୍ୟମରେ ଖବର ଦେଖିବାକୁ ପାଉଥିଲେ। ବର୍ତ୍ତମାନ ଏହା କର୍ମଚାରୀ ଅଭାବ ଆଳରେ ବନ୍ଦ ହୋଇ ରହିଥିବାରୁ ପାଠିକା ପାଠକମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ପାଠାଗାରକୁ ପୁଣି ପୂର୍ବପରି ଚାଲୁ କରିବାକୁ ଦାବି କରାଯାଇଛି। ଏଥି ସହିତ ପ୍ରତ୍ୟେକ ମାସ ପ୍ରଥମ ସୋମବାର ଦିନ ସୁନ୍ଦରଗଡ ଜିଲାପାଳ ଏବଂ ସମସ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତରେ ସ୍ଥାନୀୟ ସଦଭାବନା ଭବନ ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇ ଥାଏ। ସେଥିପାଇଁ ସୁନ୍ଦରଗଡ ତଥା ବିଭିନ୍ନ ଗ୍ରାମରୁ ଅନେକ ମହିଳା,ପୁରୁଷ ଯୁବତୀଯୁବକ, ଛାତ୍ରୀଛାତ୍ର ଏଠାକୁ ଆସି ଅଭିଯୋଗ ଜଣାଇଥାନ୍ତି। କିନ୍ତୁ ଦୁଃଖର ବିଷୟ ସେମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ। ଫଳରେ ମହିଳା, ଛାତ୍ରୀ ଓ ଯୁବତୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ସେମାନଙ୍କ ସୁବିଧା ଲାଗି ସଦଭାବନା ହଲ ପରିସରରେ ଗୋଟିଏ ପରିସ୍ରାଗାର ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ୨ଟି ଯାକ ଦାବିକୁ ଯଥାର୍ଥତା କହି ଖୁବ ଶୀଘ୍ର ଦାବିକୁ ପୂରଣ କରିବାକୁ ଜିଲାପାଳ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଘେରିଲେ ବିସ୍ଥାପିତ

**ସୁନ୍ଦରଗଡ,୫।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସହରରେ ଦୀର୍ଘ ବର୍ଷରୁ ବସବାସ କରି ରହି ଆସୁଥିବା ଗରିବ ଲୋକଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତିବାଦରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଚାଲୁଥିବା ସଦଭାବନା ଭବନକୁ ଘେରିଥିଲେ ଶହଶହ ମହିଳା ପୁରୁଷ। ଯୁବ ନେତା ଡା. ହିମାଂନଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏହି ଘେରାଉରେ ସାମିଲ ହୋଇଥିଲେ ଖଣି ,କାରଖାନା ଯୋଗୁ ବିସ୍ଥାପିତ ମହିଳା ଓ ଜଙ୍ଗଲ ଜମି ଅଧିକାରରୁ ବଞ୍ଚିତ ଲୋକେ। ସମସ୍ୟାର ସମାଧାନ ଦାବିରେ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଡାକ୍ତର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି, ସରକାର ପରେ ସରକାର ବଦଳି ଯାଉଛନ୍ତି। ପ୍ରତ୍ୟେକ ବର୍ଷ ସରକାରୀ ଅଧିକାରୀ ବି ବଦଳୁଛନ୍ତି। କିନ୍ତୁ ଜିଲା ସମସ୍ୟା ଓ ଅଭିଯୋଗର ସମାଧାନ ନ ହୋଇ ବଢିଚାଲିଛି। ଜାଗା ମିଶନରେ ଏଠାକାର ପ୍ରକୃତ ଅଧିବାସୀ ପ୍ରତାରିତ ହେଉଥିବା ଓ ପୁଞ୍ଜିପତିଙ୍କ ପାଇଁ ତହସିଲ ଓ ପୌରପାଳିକା କାମ କରୁଛି। ଆନ୍ଦୋଳନକାରୀମାନେ ପ୍ରଶାସନ ଓ ସରକାର ବିରୋଧୀ ନାରା ଦେଇଥିଲେ। ସୁନ୍ଦରଗଡ ତହସିଲ ଓ ପୌରପାଳିକା ବିରୋଧରେ ଡା. ଷଡ଼ଙ୍ଗୀ କହିଥିଲେ, ଜାଗା ମିଶନରେ ସୁନ୍ଦରଗଡ ସହରର ମହାଦେବ ପଡ଼ା, ରାଣୀ ବଗିଚା, ଖଡ଼ିଆ ପଡ଼ା, ୱାର୍ଡ ନଂ. ୧୧ ବିଦ୍ୟୁତ୍ ବିହାର, ଆମ୍ବଲିପାନି ଖଡ଼ିଆ ପଡ଼ା, ୱାର୍ଡ ନଂ. ୧୨ କେନ୍ଦୁପଡ଼ା ,୧୩, ,୧୫,୧୬ ଓ ୧୭ ନଂ. ୱାର୍ଡରେ ରହୁଥିବା ସୁନ୍ଦରଗଡର ପ୍ରକୃତ ଅଧିବାସୀ, ଯେଉଁ ମାନଙ୍କ ପାଖରେ ୧୯୭୦ ପୂର୍ବରୁ ରେକର୍ଡ ଅଛି। ଯେଉଁମାନଙ୍କ ପୂର୍ବପୁରୁଷ ଏହି ଭିଟା ମାଟିରେ ଜନ୍ମ ନେଇଛନ୍ତି ଓ ଏବେ ସେମାନେ ରହି ଆସୁଛନ୍ତି ସେମାନଙ୍କ ଅନାବାଦୀ ଜମି ଅଧିକାରକ ସରକାର ନ୍ୟାୟ ଦେଉ ନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।



# ୟୁପିରୁ ଆସିନାହିଁ, ସହରରେ ପଶ୍ଚିମବଙ୍ଗ ଆଳୁ

**ରାଉରକେଲା, ୫।୮(ସଙ୍ଗୀତା ଜେନା)**

### ରାଉରକେଲାରେ ଖସୁନି ଆଳୁ ଦର

କିଛିଦିନ ହେଲା ସାରା ରାଜ୍ୟରେ ଆଳୁଦର ଆକାଶଛୁଆଁ ହୋଇଛି। ତେବେ ରାଉରକେଲାରେ ହୋଲ୍‌ସେଲ୍‌ରେ କେଜି ପିଛା ୩୫ ଟଙ୍କାରେ ଆଳୁ ବିକ୍ରି ହେଉଥିବାବେଳେ ଖୁଚୁରା ଦର ୪୦ରୁ ଉର୍ଦ୍ଧ୍ୱ ରହିଛି। ଉତ୍ତରପ୍ରଦେଶରୁ ଆମ ରାଜ୍ୟକୁ ଆଳୁ ଆସିବା ଆରମ୍ଭ ହୋଇଛି। ହେଲେ ରାଉରକେଲା ମାର୍କେଟକୁ ଉତ୍ତରପ୍ରଦେଶ ଆଳୁ ଆସି ନ ଥିବାରୁ ବର୍ତ୍ତମାନ ସୁଦ୍ଧା ଆଳୁଦର ଖସି ନ ଥିବା ଦେଖାଯାଇଛି। ରାଉରକେଲା ପ୍ଲାଣ୍ଟସାଇଟ୍‌ର ଜଣେ ହୋଲସେଲ୍ ଆଳୁ ବ୍ୟବସାୟୀ କହିଛନ୍ତି, ରାଜ୍ୟର ବେପାରୀମାନଙ୍କ ପ୍ରଯୋଜନାରେ ପଶ୍ଚିମବଙ୍ଗ ଚାଷୀମାନେ ଆଳୁ ଚାଷ କରିଥାନ୍ତି। ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦ ହେଉଛି। ଉଭୟ ରାଜ୍ୟର ବେପାରୀ ଓ ଚାଷୀମାନଙ୍କ ମଧ୍ୟରେ କୌଣସି କ୍ଲେଶ ନାହିଁ। ଆଳୁ ଅଭାବ ଦେଖାଦେବା ପରେ ମଧ୍ୟ ରାଉରକେଲାକୁ ପଶ୍ଚିମବଙ୍ଗରୁ ଝାଡଖଣ୍ଡ ବିରମିତ୍ରପୁର ବାଟ ଦେଇ ଦୈନିକ ୪/୫ ଗାଡି ଆଳୁ ଆସୁଛି। କାରଣ ଓଡ଼ିଶାର ବ୍ୟବସାୟୀମାନେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ବର୍ଷ ଆରମ୍ଭରୁ ଅଗ୍ରୀମ ରାଶି ଦେଇଥାନ୍ତି। ସେହି ଆଧାରରେ ସେ ରାଜ୍ୟର ଚାଷୀମାନେ ଦୁଇ ରାଜ୍ୟ ମଧ୍ୟରେ ଥିବା ଗଳାବାଟରେ ଆଳୁ ଟ୍ରକଗୁଡ଼ିକ ଆଣିବାକୁ ବାଧ୍ୟ ହେଉଛନ୍ତି। ସେଥିରେ ମଧ୍ୟ ଅଧିକ ଖର୍ଚ୍ଚ ଲାଗୁଛି। ଏଥିପାଇଁ ଆଳୁ ଦର କମିନାହିଁ ବୋଲି ବ୍ୟବସାୟୀ ଜଣଙ୍କ କହିଥିଲେ। ଏ ସମ୍ପର୍କରେ ଯୋଗାଣ ବିଭାଗ ବଜାର ଗୁଇନ୍ଦା ଅଧିକାରୀ ଝସ୍‌କେତନ ସରଭାଙ୍ଗିଆ କହିଛନ୍ତି, ରବିବାର ସହରକୁ ୩ଟି ଓ ସୋମବାର ୪ଟି ଆଳୁ ଗାଡି ପଶ୍ଚିମବଙ୍ଗରୁ ଆସିଛି। ସୀମାରେ ଆଳୁ ଗାଡ଼ି ଛଡାଯାଉ ନ ଥିବା ଯୋଗୁ କିଛି ଦିନ ତଳେ ରାଉରକେଲାରେ ଆଳୁ ଅଭାବକୁ ମେଣ୍ଟାଇବା ପାଇଁ ରାଞ୍ଚି ଓ ଛତିଶଗଡ଼ରୁ ଆଳୁ ଆମଦାନୀ କରାଯାଇଥିଲା। ତେବେ ଏଠାକାର ବ୍ୟବସାୟୀ ଓ ପଶ୍ଚିମବଙ୍ଗ ଆଳୁ ଚାଷୀଙ୍କ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ଯୋଗୁ ଏବେ ମଧ୍ୟ ଆଳୁ ପଶ୍ଚିମବଙ୍ଗରୁ ଆସୁଛି। ନୂଆ ଫସଲ ଆସିଲେ ଏହାର ଦର ନିୟନ୍ତ୍ରଣ ହେବ ବୋଲି ସରଭାଙ୍ଗିଆ କହିଥିଲେ।

## ସଂକ୍ଷେପରେ

## ଡ୍ରେନ୍ ନିର୍ମାଣ ପାଇଁ ଦାବି

ଝାରସୁଗୁଡ଼ା, ୫।୮ (ସଞ୍ଜୟ ମାଲି)

ସହରସ୍ଥିତ ମୁଖ୍ୟ ମାର୍ଗ ସରାହାଲ ରୋଡ ସ୍ଥିତ ବିଶାଳ ମେଗା ମାର୍ଟ ଛକରୁ ବୁରୋମାଲ, ଶାନ୍ତି ନଗର ଛକ ରାସ୍ତା ଗୋଟିଏ ପାର୍ଶ୍ୱରେ ଦୀର୍ଘ ଦିନରୁ ଡ୍ରେନ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସତ୍ତ୍ୱେ ଏଯାଏ ଦାବି ପୂରଣ ହୋଇନାହିଁ। ରାସ୍ତା ଗୋଟିଏ ପାର୍ଶ୍ୱରେ ଶତାଧିକ ଘର ଥିବାବେଳେ ଡ୍ରେନ ଅଭାବରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଜନପ୍ରତିନିଧି ଡ୍ରେନ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ଆସୁଥିବାବେଳେ ଆଜି ପର୍ଯ୍ୟନ୍ତ ଡ୍ରେନ ନ ହେବା ବହୁ ଦୁଃଖର ବିଷୟ। ରାଜ୍ୟ ସରକାର ବିଭିନ୍ନ ଯୋଜନାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ କାହିଁକି ଡ୍ରେନ ନିର୍ମାଣ ହେଉ ନାହିଁ, ତାହା ତଦନ୍ତ ସାପେକ୍ଷ। ଡ୍ରେନ ନ ଥିବା ତଥା ପୌରପରିଷଦ ଆବର୍ଜନା ଗାଡ଼ି ପ୍ରତିଦିନ ଆସୁ ନ ଥିବାରୁ ଲୋକେ ଅଳିଆଆବର୍ଜନାକୁ ରାସ୍ତା କଡ଼ରେ ପକାଉଛନ୍ତି। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ଏହି ରାସ୍ତା ଦେଇ ଯିବା ଆସିବା ସମୟରେ ବ୍ୟାପକ ଦୁର୍ଗନ୍ଧ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ଡ୍ରେନ ନିର୍ମାଣ କରିବା ତଥା ଆବର୍ଜନା ଗାଡ଼ିକୁ ପ୍ରତିଦିନ ଏହି ଅଞ୍ଚଳକୁ ଆସିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଏସ୍ ଜିନିୟସ ସିଜନ-୧୧ ପାଇଁ ନୃତ୍ୟ ପ୍ରତିଯୋଗୀ ଚୂଡ଼ାନ୍ତ

ଦେବଗଡ଼,୫।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗମ ଏଣ୍ଡ ସଙ୍ଗମ ତରଫରୁ ଆଗାମୀ ଅଗଷ୍ଟ ୧୪ରେ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଭଏସ ଜିନିୟସ-ସିଜନ-୧୧' ପାଇଁ ନୃତ୍ୟ ପ୍ରତିଯୋଗୀ ଚୂଡ଼ାନ୍ତ ହୋଇଯାଇଛି। ୬୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ହେଲେ, ନିଶାନ୍ତ ପାଢ଼ି, ନିଶାନ ପାଢ଼ି, କରିଷ୍ମା ଦେହୁରୀ, ଗୀତିକା ଭୋଇ, ପୂଜା ବେହେରା, ଆରାଧ୍ୟା ପ୍ରଧାନ, ନାଇସ ଦେହୁରୀ, ବବଲି ବେହେରା, ସିଦ୍ଧି ପ୍ରଜ୍ଞା ବେହେରା, ଯାଜ୍ଞସେନୀ କୁମୁରା, ଉପେନ୍ଦ୍ର ମାଟିଆରି, ସତୀସ୍ୱରୂପା ଦାଶ, ମୁସ୍କାନ ଗଡନାୟକ, ଅଶ୍ରୁୟା ନନ୍ଦ, ପ୍ରୀୟାନସି ନାଏକଙ୍କୁ ଚୟନ କରାଯାଇଛି। ଆସନ୍ତା ଅଗଷ୍ଟ ୧୪ରେ ଟାଉନହଲରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବା ସହ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଆକର୍ଷଣୀୟ ପୁରସ୍କାର ସହ ମାନପତ୍ର, ଅର୍ଥରାଶି ପ୍ରଦାନ କରାଯିବ ବୋଲି କ୍ଲବ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ବିଶୁଦ୍ଧ ଜଳ ଯୋଗାଅ, ନିୟମିତ ସଫେଇ କର

### ୩୭ ନମ୍ବର ୱାର୍ଡବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୫।୮ (ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର-୩୭ ଅନ୍ତର୍ଗତ ପୁଟିବନ୍ଧ ଓ ଏହାର ଆଖପାଖ ଅଞ୍ଚଳରେ ପରିମଳ, ପାନୀୟ ଜଳଠାରୁ ଆରମ୍ଭ କରି ରାସ୍ତାଘାଟ ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଅଫିସ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାଗୁଡିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତା ଓ ପରିମଳ ବ୍ୟବସ୍ଥା ବର୍ଷାଦିନେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଉକ୍ତ ସମସ୍ୟା ସୃଷ୍ଟି କରୁଛି। ନିୟମିତ ସଫେଇ ଅଭାବରୁ ଦୀର୍ଘଦିନ ଧରି ଆବର୍ଜନା ପଡ଼ି ରହି ବର୍ଷାରେ ସମଗ୍ର ପରିବେଶକୁ ଦୂଷିତ କରୁଛି। ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ଅନ୍ଧକାର ମଧ୍ୟରେ ଯାତାୟାତ କରିବାକୁ ପଡୁଛି। ସେହିପରି ଅଞ୍ଚଳକୁ ବିନା ବିଶୋଧନରେ ପାନୀୟ ଜଳଯୋଗାଣ ହେଉଥିବାରୁ ନାନା ପ୍ରକାର ଜଳବାହୀ ରୋଗବ୍ୟାଧିର ଆଶଙ୍କା ସୃଷ୍ଟି ହୋଇଛି। ସେମାନଙ୍କ କହିବା ଅନୁସାରେ ଗତ ନିର୍ବାଚନ ପୂର୍ବରୁ ଏହି ଅଞ୍ଚଳ ଦେଇ ଯାଇଥିବା ଅନୁଗୋଳ-ସମ୍ବଲପୁର ସେକ୍ସନର ୬.୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଜାତୀୟ ରାଜପଥ-୫୩ ଓ ୫୫ ମଧ୍ୟରେ ନକ୍ସାପାଲି, ଧନୁପାଲି ଓ ସିନ୍ଦୁରପଙ୍କ ଛକକୁ ସଂଯୋଗୀକରଣ ରାସ୍ତାର ଉନ୍ନତୀକରଣ ପାଇଁ ୬କୋଟି ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଏହାର କାମ ଆରମ୍ଭ ହୋଇନାହିଁ। ଫଳରେ ଖାଲଢିପରେ ପରିପୂର୍ଣ୍ଣ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଜନଜୀବନହାନୀ ହେଉଛି। ଯଥାଶୀଘ୍ର ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସହିତ ନିୟମିତ ସଫେଇ, ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା ଏବଂ ରାସ୍ତାର ମାରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଇନଜୀବୀ ପ୍ରଦୀପ ବହିଦାର, କିଶୋର ଚନ୍ଦ୍ର ପାଣିଗ୍ରାହୀ, ଲୋକନାଥ ପାଣ୍ଡେ, ଅକ୍ଷୟ ଓରାମ, ସୁରେଶ ପାଣିଗ୍ରାହୀ, ଅଶୋକ କୁମାର ବେହେରା, ଦେବାଶିଷ ପରୋହିତ, ଇଶ୍ୱର ସାହୁ, ଶମ୍ଭୁ ମେହେର, ସରୋଜ କୁମାର ସାହୁ, ଦୀପକ ସାମଲ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀ।

ଦେବଗଡ଼,୫।୮
(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଆସିଥିବା ୧୯ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ୧୦ଟି ବ୍ୟକ୍ତିଗତ ସମସ୍ୟା ଏବଂ ୯ଟି ସାମୂହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ଡ୍ରେନ ମରାମତି, ପାନୀୟ ଜଳ, ଜମିର ପଟ୍ଟା, ଜାତୀୟ ରାଜପଥରେ ଯାଇଥିବା ଜମିର ପାଉଣା ନେଇ ଜନସାଧାରଣ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷୀତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

ଝାରସୁଗୁଡ଼ା, ୫।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ବଲବିନ୍ଦର କୋର ଯୋଗ ଦେଇଥିଲେ। ସଭାର ସଂଯୋଜନା କରିଥିଲେ ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର। ସର୍ବପ୍ରଥମେ ଦୀପପ୍ରଜ୍ୱଳନ ଓ ବନ୍ଦେଉତ୍କଳ ଜନନୀ ଗାନ କରି ସଭାର ଆରମ୍ଭ ହୋଇଥିଲା। ମହିଳା ମହାବିଦ୍ୟାଳୟର କିପରି ଆଗାମୀ ଦିନରେ ଆହୁରି ଉନ୍ନତି ଦିଗକୁ ଗତିକରିବ ସେ ଉପରେ ଅତିଥି ନିଜର ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୃତୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ମହିଳା ମହାବିଦ୍ୟାଳୟ ସରକାରୀ ମହାବିଦ୍ୟାଳୟ ହେବାରେ କୌଣସି ଗୁଣରେ କମ ନୁହେଁ ବୋଲି କହିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଅଂଶୁମାନ ମିତ୍ରଙ୍କ ଦ୍ୱାରା ମହାବିଦ୍ୟାଳୟର ବିବରଣୀ ପାଠ କରାଯାଇଥିଲା। ଏହା ସହ ଦୁଇଜଣ ଛାତ୍ରୀ ଜ୍ୟୋତି ପଟ୍ଟନାୟକ ଓ ଅନୋଖି ଶର୍ମା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସଭାର ସଂଯୋଜନାରେ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ପ୍ରତିତୀ ମିଶ୍ର ସାହାଯ୍ୟ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ନୈରୁତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ପ୍ରତିଷ୍ଠା ଓ ଜମିଦାତାମାନେ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସହକାରୀ କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଓଜନ ଉତ୍ସବ ପ୍ରସ୍ତୁତି ବୈଠକ

ଦେବଗଡ଼,୫।୮
(ଶଶାଙ୍କ ଶେଖର ଝାଙ୍କର)

ଜିଲା ସମାଜ ମଙ୍ଗଳ ବିଭାଗ ଓ ଦେବଗଡ଼ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଓଜନ ଉତ୍ସବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ଅଗଷ୍ଟରୁ ଆରମ୍ଭ ହୋଇ ୨୦ ତାରିଖ ମଧ୍ୟରେ ୦ ରୁ ୬ ବର୍ଷର ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧି, ଶିଶୁମାନଙ୍କ ଠିକ ଓଜନ ଓ ଉଚ୍ଚତା ରେକର୍ଡ କରିବା ନିମନ୍ତେ ଅଗଷ୍ଟ ୨୦ ତାରିଖ ସୁଦ୍ଧା କାର୍ଯ୍ୟକୁ ସକାରାତ୍ମକ ଭାବେ ସମାପ୍ତ କରିବାକୁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ସହାୟତାରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ପ୍ରୋଗ୍ରାମ ଅଫିସର ବନିତା ରାଉତ, ଜିଲା କୋଡିନେଟର ପୋଷଣ ମନୋଜ ଆଚାର୍ଯ୍ୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱମୋହନ ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତିରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଉପ ନିର୍ଦ୍ଦେଶକ କୃଷି ବିଭାଗ, ସିଡିପିଓ, ଡିପିସି ମିଶନ ଶକ୍ତି, ଡିସି ପୋଷଣ, ଡିପିସି ମମତା ଓ ଡିପିଏ ପୋଷଣ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗଷ୍ଟ ୧୨ରୁ ପରିକ୍ରମା କରିବ କୌଶଳ ରଥ

ଦେବଗଡ଼, ୫।୮
(ଶଶାଙ୍କଶେଖର ଝାଙ୍କର)

ଛାତ୍ରୀଛାତ୍ରଙ୍କର କୌଶଳ ଭିତ୍ତିକ ଶିକ୍ଷାର ଆଗ୍ରହ ବଢାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ଜୁଲାଇ ୧୫ ତାରିଖ କୌଶଳ ରଥକୁ ଉଦ୍‌ଘାଟନ କରିଥିଲେ। ଦେବଗଡ଼ ଜିଲାରେ ଅଗଷ୍ଟ ୧୧ ତାରିଖ ରାତ୍ରିରେ କୌଶଳ ରଥ ପହଞ୍ଚିବ ଓ ଅଗଷ୍ଟ ୧୨ରୁ ୧୫ ପର୍ଯ୍ୟନ୍ତ ଜିଲା ପରିକ୍ରମା କରିବ। ଏହି ଉପଲକ୍ଷେ ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ କୌଶଳ ରଥର ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କୌଶଳ ରଥ କିପରି ଅଧିକରୁ ଅଧିକ ଲୋକାଭିମୁଖୀ ହୋଇପାରିବ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ବେହେରା ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଗଷ୍ଟ ୧୨ରେ ତିଲେଇବଣି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏସ୍‌ଏସ୍‌ଡି କଂସର ଉଚ୍ଚ ବିଦ୍ୟାଳୟ, ଇପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଂସର, ବାଳିକା ଉଚ୍ଚ ବିଦ୍ୟାଳୟ କଂସର, ଅଗଷ୍ଟ ୧୩ ତାରିଖ ରିଆମାଳ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ରେଙ୍ଗାଳବେଡା, ସରକାରୀ ଉଚ୍ଚ ବିଦ୍ୟାଳୟ ରିଆମାଳ, ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଲିପଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢାପାଳ, ଅଗଷ୍ଟ ୧୪ ତାରିଖ ବାରକୋଟ ବ୍ଲକର କଲ୍ଲା କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ ବମପରଡା, ସରକାରୀ ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ଝରାବାହାଲ, ଆଇଟିଆଇ ବାରକୋଟ, ଅଗଷ୍ଟ ୧୫ ତାରିଖ ମ୍ୟୁନସିପାଲିଟିର ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସିସିଆଇ, ସରକାରୀ ପଲିଟେକନିକ ଓ ଇ ଏମଆର୍ ଏସ କଲାମାଟି ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ପରିକ୍ରମା କରିବ। କୌଶଳ ରଥ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ପରିକ୍ରମା କରିବା ସମୟରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର, ଅଭିଭାବକ, ସରପଞ୍ଚ, ୱାର୍ଡ ମେମ୍ବର, ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡ଼ି କର୍ମୀ ଯୋଗଦେବା ପାଇଁ ପ୍ରସ୍ତାବିତ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତିରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡିଏସପି ଡିଆଇଭି ପବିତ୍ର କିସାନ, ପ୍ରିନସିପାଲ ଆଇଟିଆଇ ବାରକୋଟ ସୋମା ଓରାମ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଏଡିଡବଲୁଓ ପିଡିଡିଏ, ପଲିଟେକନିକ ଓ ବିଭିନ୍ନ ଲାଇନ ଡିପାଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଶିବାଳୟରେ କାଉଡ଼ିଆଙ୍କ ଭିଡ଼


ଝାଡେଶ୍ୱର ଶିବ ମନ୍ଦିରର ଭକ୍ତଙ୍କ ଭିଡ ଲାଗିଛି।

ଝାରସୁଗୁଡ଼ା, ୫।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଶିବାଳୟଗୁଡ଼ିକରେ ସୋମବାର ଭୋରରୁ କାଉଡ଼ିଆ ଓ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସହରର ପ୍ରସିଦ୍ଧ ଝାଡେଶ୍ୱର ଶିବ ମନ୍ଦିର, ପାହାଡି ମନ୍ଦିର, ବିଟିଏମ୍ ଶିବମନ୍ଦିର, ସରବାହାଲ ଶିବମନ୍ଦିର, ବଟକେଶ୍ୱର, ବୃନ୍ଦାମାଲ ଶିବ ମନ୍ଦିର, କୁଇଲି ଘୁଘୁର ଶିବ ମନ୍ଦିର, ସମେତ ଜିଲାର ସମସ୍ତ ଶିବ ମନ୍ଦିରରେ ରାତି ତିନିଟାରୁ ଇବ୍ ବ୍ରିଜରୁ ପାଣି ଆଣି କାଉଡ଼ିଆ ଓ ଭକ୍ତମାନେ ଜଳାଭିଷେକ ସହିତ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଲମ୍ବା ଲାଇନ ହୋଇ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଝାଡେଶ୍ୱର ବିକାଶ ପରିଷଦ ପକ୍ଷରୁ ଭଜନ କୀର୍ତ୍ତନ ସମେତ ଖିଚିଡି ପ୍ରସାଦ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଲାଗିଥିବାବେଳେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଠିକ ସେହିପରି ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ ସ୍ଥିତ ପ୍ରସିଦ୍ଧ ଶିବପୀଠ କୁଇଲି ଘୁଘୁର ସମେତ ସମସ୍ତ ଶିବ ମନ୍ଦିରରେ ଭକ୍ତମାନେ ଜଳାଭିଷେକ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନଙ୍କ ପ୍ରବଳ ଭିଡକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ବୁର୍ଲା ସରକାରୀ ହାଇସ୍କୁଲ ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି

ସମ୍ବଲପୁର,୫।୮
(ଭବାନୀ ଶଙ୍କର ଭୋଇ)

ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ ଜୁବିଲି ପାଇଁ ପୁରାତନ ଛାତ୍ର ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ପଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜୁବିଲି ପାଳନ ଆୟୋଜନ ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ରାଜକିଶୋର ଜାଜୋଡିଆଙ୍କୁ ଏହାର ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଯାଇଥିଲା। କମିଟିରେ ନିରଞ୍ଜନ ପଟନାୟକ ସଭାପତି, ସୁରେଶ ଚନ୍ଦ୍ର ପଣ୍ଡା ଉପ ସଭାପତି, ଦେବାଶିଷ ନନ୍ଦ ସମ୍ପାଦକ, ରଶ୍ମିରଞ୍ଜନ ଶତପଥୀ ସହ ସମ୍ପାଦକ, ନୟନ କୁମାର ନାୟକ କୋଷାଧ୍ୟକ୍ଷ ଏବଂ ଅନୁପ ପଣ୍ଡାଙ୍କୁ ଅଫିସ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହାସହ ପ୍ରଫେସର ଡକ୍ଟର ବିଜୟକୃଷ୍ଣ ତ୍ରିପାଠୀ, ଇଞ୍ଜିନିୟର ବିଭୁତି ଭୂଷଣ ପଣ୍ଡା, ଧ୍ରୁବ ପ୍ରସାଦ ପଣ୍ଡାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ଲାଟିନମ ଜୁବଲି କାର୍ଯ୍ୟକ୍ରମ ଆୟୋଜନ ପାଇଁ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ପରାମର୍ଶ କରି ଆଗାମୀ ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ପୁରାତନ ଛାତ୍ର ସଂସଦର ଡ.ଡିକେ ମହାଲିଙ୍ଗ, ସୁବ୍ରତ କୁମାର ପଟନାୟକ, ନମ୍ରସକାନ୍ତ ପଟ୍ଟନାୟକ, ହରିହର ପଣ୍ଡା, ଦେବାଶିଷ ମିଶ୍ର, ପ୍ରସନ୍ନ କୁମାର ସାମନ୍ତରାୟ, ଗୌତମ ବୋଷ, ସୁବଳ ଘୋଷ, ହୀମାଂଶୁ ଶେଖର ପୁଜାରୀ, ଅଶ୍ୱିନୀ ଚୌଧୁରୀ ପଦାରବିନ୍ଦ ଦାସ, ଅଶ୍ୱିନୀ ଭୋଇ, ପ୍ରଭଞ୍ଜନ ପାଳ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

# ନୂଆଁଖାଇ ଭେଟଘାଟ୍‌କୁ ଆହୁରି ବ୍ୟାପକ କରାଯିବ

### ଚଳିତବର୍ଷ ହେବ ଦୁଇଦିନିଆ କାର୍ଯ୍ୟକ୍ରମ

ଜମନକିରା, ୫।୮
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ତୋର ସାହାରା ପରିବାର ପକ୍ଷରୁ ଚଳିତବର୍ଷ ଦୁଇଦିନ ଧରି ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହେବ। ଜମନକିରା ବ୍ଲକର ୨୧ ପଞ୍ଚାୟତର ଯୁବକମାନଙ୍କୁ ଏଥିରେ ସାମିଲ କରିବାକୁ ଚେଷ୍ଟା କରାଯାଉଛି। ପ୍ରତି ପଞ୍ଚାୟତରୁ ଅତିକମ୍‌ରେ ୫ଜଣ ଯୁବକଙ୍କୁ ସାଂସ୍କୃତିକ ଅନୁଷ୍ଠାନ ସହିତ ଯୋଡ଼ିବାକୁ ଉଦ୍ୟମ ଚାଲିଛି। ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମା' ତୋର ସାହାରା ପରିବାର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଆକାଶ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଅନୁଷ୍ଠାନ ସମ୍ପାଦକ ଅବିନାଶ ଦାନୀ କହିଥିଲେ ଯେ, ଚଳିତବର୍ଷ ଆହୁରି ବ୍ୟାପକ ଭାବେ ନୂଆଁଖାଇ ଭେଟ୍‌ଘାଟ ଆୟୋଜନ କରାଯିବ। ପ୍ରାୟ ଦେଢ଼ଲକ୍ଷରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଇଁ ବଜେଟ ରହିଛି। କଳାହାଣ୍ଡିର ଘୁବୁକୁଡ଼ ନୃତ୍ୟ, ପଶ୍ଚିମ ଓଡ଼ିଶାର ଲୋକଗୀତ, ଲୋକ ନୃତ୍ୟ କଳାକାରମାନଙ୍କୁ ଆଣି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିସହ ସମ୍ବଲପୁର କଳାକେନ୍ଦ୍ରର ନାମୀଦାମୀ କଳାକାରଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯିବ। କୁଚିଣ୍ଡା ଉପଖଣ୍ଡରେ କେବଳ କୁଚିଣ୍ଡା ଓ ବାମରା ବ୍ଲକରେ କଳା ବିକାଶ ପରିଷଦ ରହିଥିଲେ ହେଁ ଜମନକିରା ବ୍ଲକ ଏଥିରୁ ବାଦ ପଡ଼ିଛି। ତେଣୁ ବ୍ଲକ ଅଞ୍ଚଳର ଯୁବ କଳାକାର ଓ ବୟୋଜ୍ୟେଷ୍ଠ ପ୍ରତିଭାବାନ କଳାକାରଙ୍କୁ ସଙ୍ଗଠିତ କରି ଜମନକିରା କଳା ବିକାଶ ପରିଷଦ ଗଠନ କରାଯିବାକୁ ପ୍ରସ୍ତାବ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ପୂର୍ବ ବର୍ଷ ନୂଆଁଫୁଲ ସିଜନ-୧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ନୂଆଁଫୁଲ ସିଜନ-୨ ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଶେଷ କରି ଆଦିବାସୀ ଲୋକ କଳା, ଲୋକ ନୃତ୍ୟ ପରିବେଷଣକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଦୁଇ ଦିନ ଧରି ହେବାକୁ ଥିବା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ତାଙ୍କୁ ନିମନ୍ତ୍ରଣ କରାଯିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦ୍ୱିତୀୟ ଦିବସରେ ଅତିଥି ଭାବେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସାଂସ୍କୃତିକ ଅନୁଷ୍ଠାନ ଉପସଭାପତି ଭାବେ ପ୍ରିତମ ଦାନୀ ଓ ସହ ସମ୍ପାଦକ ଭାବେ ଜଗନ୍ନାଥ ସାହୁ ମନୋନୀତ ହୋଇଥିବା ଘୋଷଣା କରାଯାଇଥିଲା।

# ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା, ଆଲୋଚନାଚକ୍ର

### ସଂସ୍କୃତି ଗବେଷକ ଡ. ସପନ ସମ୍ବର୍ଦ୍ଧିତ

ସମ୍ବଲପୁର,୫।୮ (ବି.ଶଙ୍କର)


ସମ୍ବର୍ଦ୍ଧନା ଓ ଆଲୋଚନା ଚକ୍ରରେ ଅତିଥି, ବକ୍ତା ଓ କର୍ମକର୍ତ୍ତା।

ସମ୍ବଲପୁର ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଓ ଆଲୋଚନାଚକ୍ର ସୋମବାର ଡଲଫିନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭକ୍ତ ପ୍ରସାନ ନନ୍ଦଙ୍କ ପରିଚାଳନରେ କାର୍ଯ୍ୟକ୍ରମ ହୋଇଥିଲା । ସଙ୍ଗୀତଜ୍ଞ ଡ. କ୍ଷୀରୋଦ ମହାରଣା, ସୁଲେଖକ କ୍ଷେତ୍ରମଣି ବିଭାର, ସାହିତ୍ୟିକ ପ୍ରଫେସର ମୋହନ ସାହୁ ସମ୍ମାନୀତ ବକ୍ତାଭାବେ ଯୋଗଦେଇ ସମ୍ବଲପୁରୀ ଗୀତବାଦ୍ୟର ସଙ୍ଗୀତ ଲିପି ବାବଦରେ ଆଲୋଚନା କରିଥିଲେ। ଆମ ଅଞ୍ଚଳର ସଙ୍ଗୀତ ତତ୍ତ୍ୱକୁ ଏକତ୍ରିତ କରି ଗୀତଗୁଡ଼ିକର ସ୍ୱର, ଲୟ ବାଦ୍ୟର ତାଳ, ପାର ଓ ନୃତ୍ୟର ଭଙ୍ଗୀ, ମୁଦ୍ରାକୁ ପ୍ରଭାବିତ କରିବା ଅତି ଆବଶ୍ୟକ ରହଥିଲା । ଯାହାକି ଡ. ସପନ ମିଶ୍ର ଗବେଷଣା ପୁସ୍ତକର ପ୍ରତିଟି ଅଧ୍ୟାୟରେ ସ୍ଥାନିତ ହୋଇଛି। ଏହି ଅଞ୍ଚଳର ସମସ୍ତ ଗୀତ, ନୃତ୍ୟ, ବାଦ୍ୟ, ଆଭୂଷଣ ପ୍ରଭୃତିର ସୂତ୍ରକୁ ପ୍ରଦର୍ଶନକାରୀ ସଂସ୍ଥା ଓ ସଙ୍ଗଠନମାନେ ବ୍ୟବହାରରେ ଆଣିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, ଆମ ଅଞ୍ଚଳର ସଂସ୍କୃତି ଓ ଅସ୍ମିତାର ସଂସ୍ଥାପନା ପାଇଁ ଶିକ୍ଷାତ୍ମକ ଗବେଷଣା ବିଧେୟ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପଶ୍ଚିମାଞ୍ଚଳ ଲୋକ ସଙ୍ଗୀତର ଶାସ୍ତ୍ରୀୟତା ଅନ୍ୱେଷଣ ଦିଗରେ ଡ.ମିଶ୍ରଙ୍କ ଗବେଷଣା ସର୍ବ ପ୍ରଥମ ଉଦ୍ୟମ ଓ ଆନୁଷ୍ଠାନିକ ସ୍ୱୀକୃତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ଦଧିବାମନ ମିଶ୍ର ଉପସଂହାରକୁ ଗୀତ, ନୃତ୍ୟ ନିର୍ଦ୍ଦେଶକମାନେ କାର୍ଯ୍ୟରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସଂସ୍କୃତି ଗବେଷକ ଡ. ସପନ ମିଶ୍ରଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକିଆ, ଲହରୀ, ରଙ୍ଗ ଫରୁଆ, କହଁରଏ ସ୍ୱୟମ, ବୌଦ୍ଧିକ ମଞ୍ଚ, ସମ୍ବଲପୁର ସାଂସ୍କୃତିକ ପରିଷଦ, ବୁଢ଼ାରଜା ସାଂସ୍କୃତିକ ସଂଘ, ସଚେତନ ସମ୍ବଲପୁର ନାଗରିକ କମିଟୀ, ସାଥୀ, ଏସ୍‌ଆରଆଇଟି ୱେଲ ଫେୟାର କମିଟି, ନାରୀ ଜାଗରଣ ସମିତି, ହିଲ୍ ଭିୟୁ ସୋସାଇଟି, ଆଦର୍ଶ ନଗର ସୋସାଇଟି, ମହାନଗର ନିଗମ ନାଗରିକ କମିଟି କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ । ଶତ୍ରୁଘ୍ନଲାଲ ସାହା, ଭାରତୀ ପଣ୍ଡା, ସିଦ୍ଧାର୍ଥ ସାହା, ଡ. ଦେବାଶିଷ ପ୍ରଧାନ, ପାର୍ବତୀ ସେଠ, ଜିତେନ୍ଦ୍ର ସେଠ, ସିଦ୍ଧି ତ୍ରିପାଠୀ, ମାମାଲି ତ୍ରିପାଠୀ, ମୋହନ ସେଠ, ସଦାନନ୍ଦ ପଣ୍ଡା, ଗୁରୁ ଦିଲ୍ଲୀପ ସାହୁ, ଅଭିନେତ୍ରୀ ରୋଜି ଷଡଙ୍ଗୀ, ପଣ୍ଡିତ ପ୍ରଣବ ମିଶ୍ର, ଜୁଲି ମହାପାତ୍ର, ତାଳ ବାଦକ ସୁବାସ ଚନ୍ଦ୍ର ଭୋଇ, ନୃତ୍ୟ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ବାଗ ଉପସ୍ଥିତ ରହି ଡ. ସପନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ସ୍ମାରକୀ ଉପହାର ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### କାଣ୍ଡେତରା ରାସ୍ତା ମରଣଯନ୍ତା



**କୋମନା,୫।୮(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଗ୍ରାମପଞ୍ଚାୟତ ମୁଖ୍ୟାଳୟ କାଣ୍ଡେତରା ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ଏ ନେଇ ଗାଁ ଲୋକେ ପଞ୍ଚାୟତ କର୍ତ୍ତପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ତେଣୁ ବାଧ ହୋଇ ଗ୍ରାମବାସୀ ସୋମବାର କୋମନା ଏବିଡିଓ ଭକ୍ତ ବନ୍ଧୁ ବୁଡ଼େକଙ୍କ ଜରିଆରେ ଲିଖିତ ଭାବେ ଜଣାଇଛନ୍ତି। ତରବୋଡ଼ ସାପ୍ତାହିକ ହାଟ, ସ୍କୁଲ, କଲେଜ, ତହସିଲ, କୋର୍ଟ, ଡାକ୍ତରଖାନା ଯିବା ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତା ଉପରେ ପ୍ରାୟ ୭ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ହେଲେ ଭାରିଯାନ ଚଳାଚଳ ଯୋଗୁ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇ ପାଣି ଜମିରହିଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବିଡିଓ ବୁଡ଼େକ ବିଡିଓଙ୍କୁ ଜଣାଇ ରାସ୍ତା ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଗାଁର ପୁରନ୍ଦର ସତନାମୀ, ନରେଶ ସିଦୂର ମୋତିଲାଲ ସତନାମୀ, ମୁକେଶ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୫।୮(ସୁଜିତ କୁମାର ପ୍ରଧାନ):** କଣ୍ଟାବାଞ୍ଜିସ୍ଥିତ କେ.ଭି.ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଇଂରାଜୀ ପ୍ରାଧ୍ୟାପକ ଲୋହିତାଶ ଜୋଷୀଙ୍କୁ ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ସଭାଗୃହରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସମ୍ପାଦିକା ନୀଳିମାରାଣୀ ସାଗର ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପିକା ସଞ୍ଜୀବନୀ ସୁଧା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ରିଷିଡ଼ା,୫।୮(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ାର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଯଦୁମଣି ସାହୁଙ୍କ ଧର୍ମପତ୍ନୀ କମଳା ସାହୁଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୩ ଭାଇ, ଭାଉଜ, ୫ ପୁତ୍ର ଓ ପୁତ୍ରବଧୂ, ୨ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ରବିବାର ସକାଳେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି। ମଧ୍ୟମ ପୁତ୍ର ଭୋଳାନାଥ ସାହୁ ମୁଖାଗ୍ନି ଦେଇଥିଲେ।

# ଗୁହାଳରେ ବସି ପାଠ ପଢୁଛନ୍ତି ପିଲା

**କଳାହାଣ୍ଡିରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର**

ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)

ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସୁନାହିଁ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲାର ଏମ୍ ରାମପୁର ବ୍ଲକ ଡୁଡୁକାରଞ୍ଜା ପଞ୍ଚାୟତର ଡୁମେରି ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ। ୩ବର୍ଷ ହେବ ସ୍କୁଲ ଘର ଭାଙ୍ଗିଯାଇଥିବାରୁ ଛାତ୍ରୀଛାତ୍ର କେତେବେଳେ ଗଛ ମୂଳେ, କେତେବେଳେ ତାରପୋଲିନ ତଳେ ତ ଆଉ କେତେବେଳେ ଗୁହାଳରେ ବସି ପାଠ ପଢୁଛନ୍ତି। ଏହା ସରକାରୀ ସ୍କୁଲର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଏବେ ବର୍ଷା ସମୟରେ ଗ୍ରାମର ଏକ ଗୁହାଳରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର। ଗୋବର ଦୁର୍ଗନ୍ଧ ହେଉଥିବାବେଳେ ଅସନା ଯୋଗୁ କୁକୁର ମଧ୍ୟ ଶୋଇ ରହୁଛି। ସେଭଳି ସ୍ଥାନରେ ଛାତ୍ରୀଛାତ୍ରଙ୍କୁ ବସାଇ ଶିକ୍ଷାଦାନ ଦିଆଯାଉଛି।

ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ମାତ୍ର ୧୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଦୁଇଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ସେଥିମଧ୍ୟରୁ ଅନେକ ସମୟରେ ସ୍କୁଲରେ ଜଣେ ଶିକ୍ଷକ ରହୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏପରି ଅବ୍ୟବସ୍ଥା ପାଇଁ କେତେଜଣ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡି ଦେଉଥିବା ଗ୍ରାମବାସୀଙ୍କଠୁ ଜଣାପଡିଛି। ଦୀର୍ଘଦିନ ଧରି ସ୍କୁଲରେ ଏସବୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ସେଭଳି



ଗୁହାଳରେ ଚାଲିଛି ପାଠପଢ଼ା।

**ଡୁମେରି ପ୍ରାଥମିକ ବିଦ୍ୟାଳୟ**

ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପଟେ କେଉଁଦିନ ୫ଜଣ ତ କେଉଁଦିନ ୮ ଛାତ୍ରୀଛାତ୍ର କିଭଳି ଗାଇ ଗୁହାଳରେ ବିନା କଳପଟାରେ ପାଠ ପଢୁଛନ୍ତି ତାହା ସହଜେ ଅନୁମେୟ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହେବା ଆଗରୁ ସରକାର ଗ୍ରାମରେ ଏକ ସ୍କୁଲ ଗୃହ ନିର୍ମାଣ କରିବାକୁ ସ୍କୁଲ ପରିଚାଳନା କମିଟି ସଭାପତି ଉଦେ ପାତ୍ର ପ୍ରକାଶ କରନ୍ତି। ସ୍କୁଲ ଗୃହ ଭୁଶୁଡି ପଡ଼ିଥିବାରୁ ଏବେ ଗୁହାଳରେ ଅସୁବିଧା ଥିବା ସତ୍ତ୍ୱେ ମଧ୍ୟ ପାଠ ପଢ଼ାଉଛି ବୋଲି ସହକାରୀ ଶିକ୍ଷକ ତନୁ ରାମ ହରିଜନ ପ୍ରକାଶ କରିଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜୟସେନ ନିଆଲଙ୍କୁ ପଚାରିବାରୁ ନୁଆ ସ୍କୁଲ ଘର ପାଇଁ ଟେଣ୍ଡର ହୋଇଛି, କିଛିଦିନ ମଧ୍ୟରେ ନିର୍ମାଣ ହେବ ବୋଲି କହିଛନ୍ତି।

## ରାସ୍ତା ଖରାପ କରୁଛି ଲୁହାଚକ ଲଗା ଟ୍ରାକ୍ଟର

ନୂଆପଡ଼ା,୫।୮ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଅଧିକାଂଶ ଗ୍ରାମାଞ୍ଚଳ ରାସ୍ତାକୁ ଲୁହାଚକ ଲଗା ଟ୍ରାକ୍ଟର ଖରାପ କରୁଥିବା ଦେଖାଯାଉଛି। ସୂଚନାକ୍ରମେ ଜିଲାରେ ୭୦% ରାସ୍ତା ପିଚୁ ଓ କଂକ୍ରିଟ ହୋଇ ଥିବାବେଳେ ୨୦% କଚା ଓ ୧୦% ଚଲାପଥ ରହିଛି। ବର୍ତ୍ତମାନ ଖରିଫ ଚାଷ ସମୟରେ ଅଧିକାଂଶ ଚାଷୀ ହଳଲଙ୍ଗଳ ବଦଳରେ ଟ୍ରାକ୍ଟର ବ୍ୟବହାର କରୁଛନ୍ତି। ଲୁହାଚକ ଲାଗିଥିବା ଟ୍ରାକ୍ଟର ରାସ୍ତାରେ ଯାଉଥିବାରୁ ପିଚୁ ବାହାରି ରାସ୍ତା କାଦୁଅ ହୋଇଯାଉଛି। ସରକାର କିମ୍ବା ପ୍ରଶାସନ ଟ୍ରାକ୍ଟର ମାଲିକଙ୍କୁ ତାଗିଦ କରୁ ନ ଥିବାରୁ ଏଭଳି କାର୍ଯ୍ୟ ବଢିଚାଲିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଆଞ୍ଚଳିକ ପରିବହନ ବିଭାଗ ଏମ୍‌ଭିଆଇ ବିଜୟ ଦେହୁରିଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ରାସ୍ତା ଖରାପ କରୁଥିବା ଗାଡ଼ି ଧରାଗଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ କରିବା ନିୟମ ରହିଛି। ରାସ୍ତା ଖରାପ ହେଲେ ନିର୍ମାଣ କରିଥିବା ବିଭାଗର କ୍ଷତି ହେଉଛି। ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି ଥାନାରେ କେସ କରିବା କଥା। ଏଥିରେ ପୋଲିସ, ପରିବହନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ନିର୍ବାଚିତ ଜନପ୍ରତିନିଧି ଓ ଗ୍ରାମବାସୀ ସମସ୍ତଙ୍କର ଦେଖାରଖା ଦାୟିତ୍ୱ ରହିଛି ବୋଲି କହିଥିଲେ ।



ରାସ୍ତାରେ ଯାଉଛି ଲୁହାଚକ ଲଗା ଟ୍ରାକ୍ଟର।

## ଖଟିଆରେ ବୁହାହେଲେ ଗର୍ଭବତୀ



ଥୁଆମୂଳ ରାମପୁର,୫।୮ (ଦୁର୍ଗା କୀର୍ତ୍ତି)

ରାସ୍ତା ସମସ୍ୟା ଯୋଗୁ ଜଣେ ଗର୍ଭବତୀଙ୍କ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରୀ ପଞ୍ଚାୟତର କୋକେଲ ପଦର ଗାଁରେ। ସୂଚନା ଅନୁସାରେ ଗାଁର ଅର୍ଜୁନ ମାଝିଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଝି (୨୭)ଙ୍କ ସୋମବାର ପ୍ରସବ ଯନ୍ତ୍ରଣା ହେବାକୁ ପରିବାର ଲୋକେ ନିକଟସ୍ଥ ଉତ୍କଳ ଆଲୁମିନା କମ୍ପାନୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୫କି.ମି. ଦୂର ବଡ଼ବାଫଲା ନିକଟରେ ଅଟକି ରହିଥିଲା। ଗାଁର କେତେଜଣ ଯୁବକ ଖଟିଆରେ ବୋହି ନେଇ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ସେଠାରୁ ଲକ୍ଷ୍ମୀଙ୍କୁ ଅଡ୍ରୀ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିବା ଜଣାପଡିଛି। ବର୍ତ୍ତମାନ ମା' ଓ ଛୁଆ ସୁସ୍ଥ ଥିବା ସୂଚନା ଦେଇଛନ୍ତି ଅଡ୍ରି ସ୍ୱାସ୍ଥ୍ୟ କର୍ମୀ।

## ଉଦ୍‌ଘାଟନର ୮ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଲାନି

**ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଲଭ ଶୌଚାଳୟ**

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨୦୧୬-୧୭ ବର୍ଷରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉନ୍ନୟନ ପାଣ୍ଠିରୁ ବ୍ଲକ୍ ପ୍ରଶାସନ ଏକ ସୁଲଭ ଶୌଚାଳୟ ନିର୍ମାଣ କରିଥିଲା। ନିର୍ମାଣ ପରେ ତତ୍କାଳୀନ ମନ୍ତ୍ରୀ ତଥା ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ବି ଏହା କାର୍ଯ୍ୟକ୍ଷମ ହୋଇନାହିଁ।

କୋକସରା ବ୍ଲକ୍ ସଦର ମହକୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶତାଧିକ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମେତ ବିଭିନ୍ନ କାମ ନେଇ ସ୍ୱାସ୍ଥ୍ୟ କର୍ମଚାରୀ, ଆଶାକର୍ମୀ ଆସୁଛନ୍ତି। ହେଲେ ଶୌଚାଳୟ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ରୋଗୀ ଓ ତାଙ୍କ ସମ୍ପର୍କୀୟ ରାତ୍ରିଯାପନ କରୁଥିବା ବେଳେ ଶୌଚାଳୟ ନ ଥିବାରୁ ଡାକ୍ତରଖାନା ନିକଟରେ ଥିବା ମତ୍ସ୍ୟ ବିଭାଗର ପୋଖରୀ ଓ ପଡ଼ିଆକୁ ଯାଉଛନ୍ତି। ତେବେ ରାତିରେ ସରୀସୃପ ଭୟ ଥିଲେ ବି ସେମାନେ ବାଧହୋଇ ଯାଉଥିବା କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରୋଗୀ କଲ୍ୟାଣ ସମିତି ଏହି ଶୌଚାଳୟ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛନ୍ତି। ଅନେକ ସମୟରେ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ଦାବି ହେଉଥିଲେ ବି ଏଥିପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତତ୍ତ୍ୱଦର୍ଶୀ ଦାସଙ୍କୁ ପଚାରିବାରୁ ଶୌଚାଳୟ ଖୋଲିବା ପାଇଁ ବିଭିନ୍ନ ସମୟରେ ବୈଠକରେ ଆଲୋଚନା କରାଯାଇ ଟେଣ୍ଡର କରାଯାଇଛି। ହେଲେ କୌଣସି ଲୋକ ଶୌଚାଳୟ ଖୋଲିବା ପାଇଁ ରାଜି ହେଉନାହାନ୍ତି। ଫଳରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି କହିଛନ୍ତି।



ବନ୍ଦ ପଡ଼ିଥିବା ଶୌଚାଳୟ।

## ଶିବିରରେ ୪୦୪ ଅଭିଯୋଗ ପଞ୍ଜୀକୃତ

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ବ୍ଲକର ମୋଟେର ପଞ୍ଚାୟତରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ସ୍ନେହାପ୍ରଭା ମାଝି, ତହସିଲଦାର ନବୀନ କିଶୋର ପାଢ଼ୀ, ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲ, ସମିତି ସଭ୍ୟା ଉଆଁସି ପାନ, ନାଏବ ସରପଞ୍ଚ ପଲ୍ଲବି ପାଳ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ଏବିଇଓ ତୋଫାନ ମାଝି, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଯୋଗାଣ ବିଭାଗ ଅଧିକାରୀ ଜଗାରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୪୦୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଏହା ଉପରେ ଶୀଘ୍ର ସମାଧାନ କରାଯିବା ନେଇ ବିଡିଓ ମାଝି କହିଛନ୍ତି। ପିଇଓ ମାନସ ରଞ୍ଜନ ବିଶି, ଜିଆର୍‌ଏସ୍ ରାଜୁ ଶବର ଓ ପଞ୍ଚାୟତ କର୍ମଚାରୀ ଶିବିର ପରିଚାଳନା କରିଥିଲେ।

## ଭବାନୀପାଟଣାରେ ଜିଲାପାଳଙ୍କ ଜନଶୁଣାଣି

ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ ଉପଜିଲାପାଳ ଧ୍ୱମାନ ଚକମାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୨୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬୯ଟି ବ୍ୟକ୍ତିଗତ ଓ ୪୦ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ୧୩ଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୩ଜଣଙ୍କୁ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା।



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

## ପ୍ରଗତି ଯୁବକ ସଂଘର ବୃକ୍ଷ ରୋପଣ

**କୋମନା,୫।୮(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ କାଣ୍ଡେତରା ପ୍ରଗତି ଯୁବକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଦସ୍ୟମାନେ ଭେଲା ବିଜୁ ପକ୍କା ରାସ୍ତା କଡ଼ରେ ନିମ୍ବ, କୃଷ୍ଣଚୂଡ଼ା, ବର ଗଛ ଆଦି ପ୍ରଜାତିର ଶତାଧିକ ଚାରା ଲଗାଇଛନ୍ତି। କାର୍ଯ୍ୟକ୍ରମରେ କୋମନା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭକ୍ତ ବନ୍ଧୁ ବୁଡ଼େକ, ଜିଲା ପରିଷଦ ସଦସ୍ୟ ଅବନିରଞ୍ଜନ ଯୋଷୀ, ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ, ଅଜୟ ଗହୀର ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ରକ୍ଷଣାବେକ୍ଷଣ ପାଇଁ ଚାରା ଚାରିପାଖରେ ଜାଲି ବାଡ଼ ଦିଆଯିବ ବୋଲି ସଂଘର ମୁଜିପ ଖାନ, ପୁରନ୍ଦର ଶତନାମୀ, ଛନୁ ଲାଲ ଶତନାମୀ, ଅସୀମ ବାଗ, ମନୋଜ କୁମାର ଭୋଇ କହିଛନ୍ତି।

## ଇଂରାଜୀ ପୁସ୍ତକ 'ଗୋ କୁଲ୍' ଲୋକାର୍ପିତ

ଖଡ଼ିଆଳ,୫।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜପ୍ରାସାଦର ଶାନ୍ତି ଭବନଠାରେ କବି ଆସନ୍ଦ ସିଂହ ଦେବଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ ପୁସ୍ତକ 'ଗୋ କୁଲ୍' ଲୋକାର୍ପିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ବିଶିଷ୍ଟ ଅତିଥି ଭାବରେ ପ୍ରାବନ୍ଧିକ ବଳଭଦ୍ର ମହାନ୍ତି, ପୁସ୍ତକ ସମୀକ୍ଷକ ଭାବରେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଲୋହିତାଶ ଜୋଷୀ ଓ ବୋଡେନ୍‌ସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ସାମୁଏଲ ଦାନି ଯୋଗଦେଇଥିଲେ। ଖଡ଼ିଆଳ ସାହିତ୍ୟ ସମିତିର ସମ୍ପାଦକ ତଥା କବି ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତତ୍କାଳୀନ ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନ, ଶିକ୍ଷାବିତ୍ ନବୀନ କିଶୋର ପାଢ଼ୀ, ଅଶ୍ୱିନୀ କୁମାର ପାଢ଼ୀ, ସତୀଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଚୋରି ମୋବାଇଲ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଖଡ଼ିଆଳ,୫।୮ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ୱାର୍ଡ ନଂ.୮ର ରିତେଶ କୁମାର ବାବୁଙ୍କ ଘରୁ ଦୁଇଟି ମୋବାଇଲ ଚୋରି ହୋଇଥିବା ନେଇ ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ଖଡ଼ିଆଳ ୱାର୍ଡ ନଂ.୩ର ଜଳନ୍ଧର ସୁନାଙ୍କଠାରୁ ୪ଟି ଚୋରି ମୋବାଇଲ ଉଦ୍ଧାର କରିଛି। ଜଳନ୍ଧରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

## ଆନ୍ଦୋଳନ ପରେ ରାସ୍ତା ମରାମତି ଆରମ୍ଭ

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ବ୍ଲକ୍ ମଙ୍ଗଳପୁର ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଏହାର ମରାମତି ଦାବି ନେଇ ଗ୍ରାମବାସୀ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରିଥିଲେ। ଏ ନେଇ ଖବରକାଗଜରେ ପ୍ରକାଶିତ ହୋଇଥିଲା। ଏହାପରେ କୋକସରା ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ସେନାପତି ମଙ୍ଗଳପୁର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନାକରିବା ପରେ ରବିବାର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନା ମତେ ସାନ ପୋଡ଼ାଗୁଡ଼ାରୁ ମଙ୍ଗଳପୁର ଗ୍ରାମକୁ ସଂଯୋଗ କରୁଥିବା ୨କି.ମି . ରାସ୍ତା ବର୍ଷାରେ କାଦୁଅ ହୋଇପଡ଼ିଥିବାବେଳେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଏହାର ପ୍ରତିବାଦ ସ୍ୱରୂପ କିଛିଦିନ ତଳେ ଗ୍ରାମର ଶୁଭମ ନାଗ, ମଙ୍ଗରାଜ ନାଗ, ଗୌରଚନ୍ଦ୍ର ନାଗ, କେଶବଲାଲ ବିହାରୀ, ବେଣୁଧର ବିହାରୀ, ହରିଶଙ୍କର ନାଗ, ନରେନ୍ଦ୍ର ନିଆଲ, ହର ବାଗ, ଭିକାରୀ ନାଏକ, ଟଙ୍କଧର ଧରୁଆ, ମୋହିନୀ ନାଗ, ଗୌରୀ ବିହାରୀ ପ୍ରମୁଖ ଉକ୍ତ ରାସ୍ତାରେ ଧାନତଳି ରୋଇ ପ୍ରଶାସନକୁ ଚେତାବନୀ ଦେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭହେବା ପରେ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି।



ରାସ୍ତା ପରିଦର୍ଶନ କରୁଛନ୍ତି ବ୍ଲକ୍ ଉପାଧ୍ୟକ୍ଷ ଓ ଅଧିକାରୀ।

## ମଦ କୋଠି ବନ୍ଦ ନ ହେଲେ ଆନ୍ଦୋଳନ

ନୂଆପଡ଼ା,୫।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁରେ ମଦକୋଠି ବନ୍ଦ କରିବା ପାଇଁ ସୋମବାର ଶତାଧିକ ମହିଳା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସପ୍ତାହ ଭିତରେ ସବୁ ମଦକୋଠି ବନ୍ଦ ନ ହେଲେ ବିଜୁ ଏକ୍ସପ୍ରେସ ୱେ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଶୀଘ୍ର ମଦକୋଠି ସବୁ ବନ୍ଦ ହେବ ବୋଲି ଜିଲାପାଳ ହେମକାନ୍ତ ସାୟ ପ୍ରତିଶ୍ରୁତି ଦେଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଠୋଙ୍ଗୋଗାଁ ଦେଇ ବିଜୁ ଏକ୍ସପ୍ରେସ ୱେ ଯାଇଛି। ଗାଁ ସହିତ ରାସ୍ତା କଡରେ ଛତୁ ଫୁଟିଲା ଭଳି ମଦ କୋଠି ଖୋଲାଯାଇଛି। ନିଶା ସେବନକାରୀ ମଦ ପିଇ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନ ଯିବାର ମଧ୍ୟ ନଜିର ରହିଛି। ଏହାର ପ୍ରଭାବ ସ୍କୁଲ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ମଦ କୋଠି ବନ୍ଦ କରିବା ପାଇଁ କୋମନା ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନାହିଁ। ଶେଷରେ ନିରାଶ ହୋଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିବା କହିଛନ୍ତି। ଜିଲା ଶ୍ରମିକ ସଂଗଠନ ଆବାହକ ଭକ୍ତବନ୍ଧୁ ଧରୁଆଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ଲଳିତା ମାଝି, ଗୁଆଦେଈ ମାଝି, ରଞ୍ଜିତା ମାଝି, ରୁଖମଣି ମାଝି, ଦୁତିକା ମାଝି, ଗୁର ମାଝି, ସବିତା ମାଝି, ବିଳାସ ମାଝି, ଝିମେଲା ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା ମହିଳା।

# ଅଣଚାଷୀଙ୍କୁ ଅଦା ବଣ୍ଟନ





ପଦ୍ମପୁର ଉଦ୍ୟାନ ବିଭାଗ, ଚାଷ ପାଇଁ ଦିଆଯାଇଥିବା ଅଦା।

■ ପଦ୍ମପୁର ଉଦ୍ୟାନ କୃଷି ବିଭାଗ
■ ଉଚିତ ତଦନ୍ତ ପାଇଁ ଦାବି

ପଦ୍ମପୁର, ୫।୮ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉଦ୍ୟାନ ବିଭାଗ ପକ୍ଷରୁ ଅଣଚାଷୀଙ୍କୁ ଅଦା ବଣ୍ଟାଯିବା ଘଟଣା ଜଳଜଳ ଦିଶୁଥିବାବେଳେ ଏବେ ଉଦ୍ୟାନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଜିଲା ଅଧିକାରୀ ଏହାର ତଦନ୍ତ ନ କରି ଦିନ ଗଡାଉଥିବା ବେଳେ କେବଳ ପଦ୍ମପୁର ବ୍ଲକ ନୁହେଁ ପୁରା ଜିଲାରେ ଏଭଳି ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ଯୋଜନାରେ କେଉଁ କେଉଁ ହିତାଧିକାରୀମାନେ ସାମିଲ ହୋଇଛନ୍ତି, ବାସ୍ତବରେ ଜମିରେ ଚାଷ ହୋଇଛି କି ନାହିଁ ସେ ସମ୍ପର୍କରେ ଖୋଦ ସହକାରୀ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ ମଧ ଚୁପ ରହୁଥିବାରୁ ସମସ୍ତ ଘଟଣା ସନ୍ଦେହ ସୃଷ୍ଟି କରିଛି। ବର୍ଷବର୍ଷ ଧରି ଉଦ୍ୟାନ କୃଷି ବିଭାଗ ଦ୍ୱାରା ହେଉଥିବା ଏଭଳି ଯୋଜନାରେ କେତେ ଚାଷୀ ସଫଳ ହୋଇଛନ୍ତି ତଥା କେତେ ଜଣ ସ୍ୱାବଲମ୍ବୀ ହେଲେଣି ବିଭାଗ ତାହାର ତଥ୍ୟ ରଖିବା ନେଇ ସରକାରୀ ନିୟମ ଥିବାବେଳେ ତାଲିକା ସାର୍ବଜନୀନ କରାଯାଉ ନ ଥିବାରୁ ପୁରା ଯୋଜନା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଦାଚାଷ କରିବା ପାଇଁ ପଦ୍ମପୁର ବ୍ଲକକୁ ୧୬୫୦ କୁଇଣ୍ଟାଲ ଅଦା ଆସିଥିଲା। ଜଣେ ଚାଷୀଙ୍କୁ ୨୫ ଡିସମିଲ ଜାଗା ପାଇଁ ୭୦ କେଜି ଅଦା ଦିଆଯିବାର ନିୟମ ଥିଲା। କିନ୍ତୁ ଯେଉଁମାନେ ପ୍ରକୃତରେ ଚାଷୀ ନୁହଁନ୍ତି, ସେମାନଙ୍କୁ ଅଦା ଦିଆଯାଇଛି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି।

## ସଂକ୍ଷେପରେ

### ଷଡବଂଶୀ ଗୋଁଣ୍ଡ ସମାଜ ନୂଆଁଖାଇ ଭେଟର ପ୍ରସ୍ତୁତି ବୈଠକ

**ପଦ୍ମପୁର, ୫।୮ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଗୋଁଣ୍ଡ ସମାଜ ସଭାପତି ରମେଶ ଜଗତଙ୍କ ସଭାପତିତ୍ୱରେ ସତୀଭଟାଠାରେ ଚଳିତ ନୂଆଁଖାଇ ମହୋତ୍ସବ ୨୦୨୪ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୨୨ରେ ଏହି ମହୋତ୍ସବ ପାଳନ ପାଇଁ ସ୍ଥିରିକୃତ ହୋଇଛି। ପ୍ରସ୍ତୁତି ବୈଠକରେ ଜିଲା ପ୍ରଚାର ସଚିବ ରଘୁନନ୍ଦନ ଦେଓ, କେଦାର ଧରୁଆ, କମଳ ଧରୁଆ, ମଙ୍ଗଳସିଂ ସିଦାର, ବିଷ୍ଣୁ ଧରୁଆ, ଅଶ୍ୱିନୀ ଧରୁଆ, ହରିଶ୍ଚନ୍ଦ୍ର ଧରୁଆ, ଯୋଗେଶ୍ୱର ଧରୁଆ, ରେଶମଲାଲ ଧରୁଆ, ଅନନ୍ତ ଧରୁଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଦେବେଶ ବିଜେଡ଼ି ରାଜ୍ୟ ସଂଯୋଜକ କମିଟି ସଦସ୍ୟ ହୋଇଥିବାରୁ କୃତଜ୍ଞତା



**ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ):** ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦଳର ରାଜ୍ୟସ୍ତରୀୟ ସଂଯୋଜକ କମିଟି ଗଠନ କରିଛନ୍ତି। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏଥିରେ ୧୫ଜଣିଆଁ ଟିମ୍ ରହିଛନ୍ତି। ଏହି ଟିମ୍‌ରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନାମ ରହିଛି। ପୂର୍ବତନ ବିଧାୟକ ଆଚାର୍ଯ୍ୟଙ୍କ ପ୍ରତି ଆସ୍ଥା ପ୍ରକଟ କରି ଦଳର ରାଜ୍ୟ ସଭାପତି ଦେବେଶଙ୍କୁ ଏହି କମିଟିକୁ ମନୋନୀତ କରିଥିବା ଯୋଗୁ ବରଗଡ଼ ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଦେବେଶଙ୍କୁ ଅଭିନନ୍ଦନ ଜ୍ଞାପନ ସହିତ ଦଳର ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସୋମବାର ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରମୋଦ ଝାଙ୍କର ସଭାପତିତ୍ୱ କରିଥିଲେ। ଆସନ୍ତା ୧୫ତାରିଖ ସକାଳ ୮ଟା ୩୦ରେ ସ୍ୱାଧୀନତା ଦିବସ ପାଳନ ପାଇଁ ସଂଘ କାର୍ଯ୍ୟାଳୟରେ ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଉପସ୍ଥିତ ରହିବାକୁ ସମ୍ପାଦକ ଗୋବିନ୍ଦ ଦାଶ ସୂଚନା ଦେଇଥିଲେ। ବୈଠକରେ ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ଉପଦେଷ୍ଟା ସୁଶିଳ ମହାପାତ୍ର, କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ, ଅଭିଜିତ ପ୍ରତିହାର, ଲୋକନାଥ ଆଚାର୍ଯ୍ୟ, ଦେବୀ ପଟ୍ଟନାୟକ, ପୃଥ୍ୱୀରାଜ ନାଏକ, ତୁଳସୀ ଚରଣ ଦାଶ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାହ୍ନୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ବଡ଼ି ବିଲ୍‌ଡିଂ ସଂଘର ଉପସଭାପତି ନିର୍ବାଚିତ



ନବନିର୍ବାଚିତ ଉପସଭାପତିଙ୍କୁ ଶୁଭେଚ୍ଛା ଜଣାଯାଉଛି।

**ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ରାଜ୍ୟ ବଡ଼ି ବିଲ୍‌ଡିଂ ସଂଘର ଉପସଭାପତି ନିର୍ବାଚିତ ହୋଇଛନ୍ତି। ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସଂଘର ନିର୍ବାଚନରେ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ବରଗଡ଼ ଜିଲା କ୍ରୀଡ଼ା ସଂସଦ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଶ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ସୋହେଲା, ୫।୮ (ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆର୍ଯ୍ୟଭଟ୍ଟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ସଭାପତି ବଳବୀର ସିଂ ଠାକୁର, କୋଷାଧ୍ୟକ୍ଷ ଗୌତମ ପଧାନ, ଯୁଗ୍ମ ସମ୍ପାଦକ ତୁଳସୀରାମ ପାଣି ଓ ପ୍ରଧାନାଚାର୍ଯ୍ୟ ହେମନ୍ତ ପଧାନ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବମ ଶ୍ରେଣୀର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ ସଂଯୁକ୍ତା ଗୁରୁମା। ଏହି ଜ୍ଞାନବିଜ୍ଞାନ ମେଳାରେ ମୋଟ ୨୦୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୋହେଲା ଅଞ୍ଚଳର ୧୬ଜଣ ପ୍ରବୀଣ ବିଜ୍ଞାନ ଶିକ୍ଷକ ପ୍ରକଳ୍ପ ବିଚାରକ ରୂପେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିତ୍ୟ ପଧାନ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ଅନୀଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ତୁଳସୀରାମ ପାଣି, ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ମେହେର ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ



ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅଧ୍ୟାପକ।

ପଦ୍ମପୁର, ୫।୮ (ପ୍ରଦୀପ୍ତ ଦାଶ)

ଅଞ୍ଚଳ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଦ୍ୱାରା ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ସଭାପତିତ୍ୱ କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ବାଣିଜ୍ୟ ଦ୍ୱାରା ହିଁ ଆର୍ଥିକ ଅଭିବୃଦ୍ଧି ସମ୍ଭବ ଓ ଦୈନନ୍ଦିନ ଜୀବନରେ ଏହାର ଯଥେଷ୍ଟ ଭୂମିକା ରହିଛି ବୋଲି ମନ୍ତବ୍ୟ ରଖିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଏମ. କମ. ବିଭାଗର (ଡିଷ୍ଟାନ୍ସ ଓ ଅନ୍‌ଲାଇନ) ଆସିଷ୍ଟାଣ୍ଟ ପ୍ରଫେସର ଡ. ଗୋପାଳ ଭୁଆ ଯୋଗଦେଇ ପିପିଟି ମାଧ୍ୟମରେ 'ବାଣିଜ୍ୟ ଶିକ୍ଷା ଓ ବୃତ୍ତି ସୁଯୋଗ' ସନ୍ଦର୍ଭ ଉପସ୍ଥାପନା କରି ଭବିଷ୍ୟତରେ ଗବେଷଣା ପ୍ରତି ଆଗ୍ରହ ରଖିବା ନେଇ ଉତ୍ସାହିତ କରିଥିଲେ। ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ର ଅତିଥି ପରିଚୟ କରିବା ସହ ବାଣିଜ୍ୟ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ନିଖତ ଅଞ୍ଜୁମ, ଅଧ୍ୟାପିକା ଲିପସା ଚନ୍ଦ୍ରାକର ଓ ଜଗବନ୍ଧୁ ସୁରୁଜାଲଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ବ୍ରଜ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବିରରେ ୧୦୯ ଅଭିଯୋଗ ପଞ୍ଜୀକୃତ

ଗାଇସିଲେଟ୍,୫।୮ (ଦୁର୍ଗାପ୍ରସାଦ ତ୍ରିବେଦୀ)



ଶିବିରରେ ଜିଲାପାଳ ଏବଂ ଏସ୍‌ପିଙ୍କଠାରେ ଲୋକେ ଅଭିଯୋଗ କରୁଛନ୍ତି।

ବରଗଡ଼ ଜିଲା ଗାଇସିଲେଟ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାକକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସପି ପି.ଏସ୍ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକେ ଅଞ୍ଚଳର ଜଳସେଚନ, ବିଦ୍ୟୁତ ଯୋଗାଣ, ରାଶନ କାର୍ଡ଼, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ନେଇ ଉପରୋକ୍ତ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଶିବିରରେ ସମୁଦାୟ ୧୦୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୧ବ୍ୟକ୍ତିଗତ, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି, ଗୋଟିଏ ରେଡ଼କ୍ରସ ଏବଂ ୩୪ ସାମୂହିକ ସମସ୍ୟା ସମ୍ପର୍କୀତ ଅଭିଯୋଗ ରହିଥିଲା। ଉକ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### କଲେଜର ପ୍ରତିଷ୍ଠା ଦିବସ

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ସ୍ମାରକୀ ଜୁନିୟର କଲେଜର ପ୍ରତିଷ୍ଠା ଦିବସ ପାଳନ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଧ୍ରୁବଚରଣ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ କଲେଜ ପରିସରରେ ଏକ ସାଧାରଣ ସଭା ହୋଇଥିଲା। ଅଧ୍ୟାପକ କିଶନ କୁମାର ଅଗ୍ରୱାଲ, ଅଧ୍ୟାପକ ପ୍ରଶାନ୍ତ ସାହୁ ପ୍ରମୁଖ ମହାବିଦ୍ୟାଳୟ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଚିନ୍ମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପଦ୍ମପୁର, ୫।୮ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଯୁକ୍ତ ତିନି ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ନୂତନ ଭାବରେ ମହାବିଦ୍ୟାଳୟକୁ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ସ୍ୱାଗତ କରିବା ସହ ନିଜର ଏକାଡେମୀ କେରିଅର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଡ଼ ବିରଞ୍ଚି ସାହୁ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶୃଙ୍ଖଳା ସମ୍ବନ୍ଧେ ଆଲୋକପାତ କରିଥିଲେ। ସମସ୍ତ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ଖଗେଶ୍ୱର ଦାସ, ଡ. ସରୋଜ ନାଏକ, ଡ. ତୁଷାରକାନ୍ତ ସାହୁ, ଶର୍ମିଳା ପଣ୍ଡା, ମୋନା ପ୍ରଧାନ, ବୁନି ସାହୁ, ପ୍ରଦୀପ ପଣ୍ଡା, ତାପିନି ପଣ୍ଡା ଉପସ୍ଥିତ ରହି ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଭବିଷ୍ୟତ ଗଠନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ଣ୍ଣାଙ୍ଗ ବଜେଟ ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଆଲୋଚକବୃନ୍ଦ।

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧି ସ୍ମୃତି ପାଠାଗାର ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ବରିଷ୍ଠ ସଦସ୍ୟ ତଥା ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ବାରିକ ମୁଖ୍ୟ ଆଲୋଚକଭାବେ ଯୋଗଦାନ କରିଥିଲେ। ଚଳିତ ଆର୍ଥିକ ବର୍ଷ ବଜେଟ୍‌ର ବିତ୍ତୀୟ ନିଅଣ୍ଟ, ରୋଜଗାର, ମୁଦ୍ରାସ୍ଫୀତି, ଦୀର୍ଘ ମିଆଦୀ ଯୋଜନା, କୃଷି ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବରଗଡ଼ ପଞ୍ଚାୟତ କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଡ. ଅଞ୍ଜଳି ଦାଶ ଅନ୍ୟତମ ଆଲୋଚକଭାବେ ଯୋଗଦେଇ ଅର୍ଥମନ୍ତ୍ରୀଙ୍କ ଘୋଷଣା, ବିଭିନ୍ନ କ୍ଷେତ୍ରକୁ ବ୍ୟୟବରାଦ, ସୁଯୋଗ ଓ ପ୍ରୋତ୍ସାହନ ଉପରେ ଆଲୋଚନା କରିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ଉଦ୍ଦେଶ୍ୟଜ୍ଞାପନ କରିଥିବାବେଳେ ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ କୁମାର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ଦାଶ ସଭାପତିତ୍ୱ କରିଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ରବିନ୍ଦ୍ର ଛତର, ପୂର୍ବତନ ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ଦେବତା, ଡାଲବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଭୋଇ, ପୂର୍ବତନ ସରପଞ୍ଚ ମହେଶ୍ୱର ପ୍ରଧାନ, ମୋ ସ୍କୁଲ ଅଭିଯାନର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ନଗର ଯାଦବ ସମାଜ ପକ୍ଷରୁ ନୂତନ କର୍ମକର୍ତ୍ତା

ବରପାଲି, ୫।୮ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିସ୍ଥିତ ଜୟ ଗୋପାଳ କଲ୍ୟାଣ ମଣ୍ଡପଠାରେ ନଗର ଯାଦବ ସମାଜ ପକ୍ଷରୁ ବରିଷ୍ଠ ସଭ୍ୟ ଖାଡ଼ିଆ ବାଗର୍ତିଙ୍କର ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀକୃଷ୍ଣ ଓ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା। ଆନୁଷ୍ଠାନିକ ଭାବରେ ନୂତନ କମିଟି ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଖାଡିଆ ବଗର୍ତ୍ତି, ଉପ ସଭାପତି କୁନୁ ଜାଲ, ସମ୍ପାଦକ ଧୀରେନ୍ଦ୍ର କୁମାର ଭୋଇ, ସହସମ୍ପାଦକ ଭୀମ ଗଡତିଆ, କୋଷାଧ୍ୟକ୍ଷ ନିକୁଞ୍ଜ ଷଣ୍ଢ ମନୋନୀତ ହୋଇଥିବାବେଳେ ସଭ୍ୟ ଭାବରେ ପୂର୍ଣ୍ଣଚନ୍ଦ୍ର ଠେଲା, ଜୟକୃଷ୍ଣ ଭୋଇ, ପୀତବାସ ଥପା, ବାବୁଲାଲ କାଣ୍ଡ, ଅଲେଖ ଷଣ୍ଢ, ଚନ୍ଦ୍ରମଣି ଜାଲ ମନୋନୀତ ହୋଇଛନ୍ତି। ଆସନ୍ତା ଜନ୍ମାଷ୍ଟମୀ ଉତ୍ସବ ପାଳନ ପାଇଁ ବିଭିନ୍ନ ଆଲୋଚନା ହେବା ସାଙ୍ଗକୁ ଚଳିତବର୍ଷ ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ବାଲୁଙ୍କେଶ୍ୱର ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ ସମାଜର ନୂତନ କର୍ମକର୍ତ୍ତା।

## ପର୍ଯ୍ୟଟନସ୍ଥଳରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଇକୋ ପ୍ରୋଟେକ୍ଟ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭଟଲି ବ୍ଲକରେ ରହିଥିବା ଆପଖୋଲ ଜଳପ୍ରପାତରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜଳପ୍ରପାତ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେବେ ପର୍ଯ୍ୟଟକଙ୍କ ଭିଡ଼ ଯୋଗୁ ଜଳପ୍ରପାତ ପରିସରରେ ଅନେକ ପ୍ଲାଷ୍ଟିକ ବୋତଲ ଆଦି ଆବର୍ଜନା ପଡ଼ି ରହିଥାଏ। ଏହି ଦୃଷ୍ଟିରୁ ଉକ୍ତ ଳଜପ୍ରପାତରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ଆୟୋଜକବୃନ୍ଦ କହିଛନ୍ତି। ସଂଘର ସଭାପତି ସୂର୍ଯ୍ୟଭାନ ସିଂଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ଆବର୍ଜନା ଉପରେ ସଚେତନ କରିଥିଲେ। ଏହା ସହିତ ସେଠାରେ ପଡ଼ି ରହିଥିବା ପ୍ଲାଷ୍ଟିକ ଆବର୍ଜନାକୁ ସେମାନେ ସଂଗ୍ରହ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଇକୋ ପ୍ରୋଟେକ୍ଟ ଫାଉଣ୍ଡେଶନର ସଦସ୍ୟବୃନ୍ଦ।

## ସଂକ୍ଷେପରେ

### ଡିଆଇଜିଙ୍କୁ ଚିଠି ଲେଖିଲେ ଡାକ୍ତର

**ଆର୍‌ଜିଏଚ୍ ଡାକ୍ତରଙ୍କୁ ପୋଲିସର ଦୁର୍ବ୍ୟବହାର**

**ରାଉରକେଲା,୫ା୮(ସଙ୍ଗୀତା ଜେନା):** ଆର୍‌ଜିଏଚ୍‌ର ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଡାକ୍ତର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ସୂଚନା ପ୍ରଦାନ କରିଛନ୍ତି। ଏହି ଚିଠି ରାଉରକେଲା ଡିଆଇଜିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ବୋଲି ଜଣାପଡ଼ିଛି। ଏହି ମାମଲା ଏବେ ଚର୍ଚ୍ଚା ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସେକ୍ଟର-୭ ଅଞ୍ଚଳର ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ପୋଲିସ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ଡାକ୍ତରଖାନାରେ ରାତି ଡ୍ୟୁଟିରେ ଥିବା ଡାକ୍ତର ଓ ପୋଲିସ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଡାକ୍ତର ଜଣଙ୍କ ଆର୍‌ଜିଏଚ୍ ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ ବର୍ତ୍ତମାନ ସୁସ୍ଥ ଥିବା ପୋଲିସ କହିଛି।

### ଲୁଟ୍ ଘଟଣାରେ ୩ ଗିରଫ

**ରାଉରକେଲା,୫ା୮(ସଙ୍ଗୀତା ଜେନା):** ଗତ ଜୁଲାଇ ୨୧ ତାରିଖରେ ଟାଙ୍ଗରପାଳୀ ଥାନା ଅନ୍ତର୍ଗତ ଲାଲଟାଙ୍କି ଅଞ୍ଚଳରେ ଘରୋଇ ଫାଇନାନ୍ସ କମ୍ପାନୀ ଜଣେ ଏଜେଣ୍ଟଙ୍କଠାରୁ କିଛି ଦୁର୍ବୃତ୍ତ ୨୫ ହଜାର ଟଙ୍କା ଲୁଟ୍ କରିନେଇଥିଲେ। ଏ ନେଇ ଏଜେଣ୍ଟ ସଞ୍ଜୀବ ସାହୁ(୨୮) ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୩/୨୪)ରୁଜୁ କରି ସୋମବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଫର୍ଟିଲାଇଜର ଲାଲଟାଙ୍କିର ଶ୍ରୀମନ୍ତ ସ୍ୱାଇଁ(୩୫), ଲେବର କଲୋନୀର ବିଶ୍ୱଜିତ ପ୍ରଧାନ(୨୫) ଏବଂ ଦୀପକ ସାହୁ(୩୮)। ସେମାନଙ୍କଠାରୁ ୨୦ ହଜାର ଟଙ୍କା ଜବତ କରାଯାଇଛି ବୋଲି ଥାନାଧିକାରୀ ରାମେଶ୍ୱର ସିଂ ସୂଚନା ଦେଇଛନ୍ତି।

### ଯୁବକଙ୍କୁ ହତ୍ୟା ମାମଲା, ମିଳିଲା ପରିଚୟ

**ରାଉରକେଲା,୫ା୮(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲୀ ବେଷ୍ଟୋଦେବୀ ପାହାଡ଼ ଉପରେ ଗତ ଶନିବାର ପଥରରେ ଛେଚି ହତ୍ୟା କରାଯାଇଥିବା ଯୁବକଙ୍କ ପରିଚୟ ମିଳିଛି। ମୃତକ ହେଲେ ଭୋଲା ପଣ୍ଡା(୪୦)। ସେ ଝାଡଖଣ୍ଡ ସିମଡ଼େଗା ଜିଲା ବିରୁ ଅଞ୍ଚଳ ନିବାସୀ। ସୋମବାର ମୃତକଙ୍କ ଭାଇ ମୁକେଶ ପଣ୍ଡା ପୋଲିସଠାରୁ ମୃତଦେହ ଗ୍ରହଣ କରିଥିବା ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ପୋଲିସ ସୂଚନା ଅନୁସାରେ, ଏହି ମାମଲାରେ ପୋଲିସ ବିଭିନ୍ନ ଥାନାକୁ ଫଟୋ ପଠାଇଥିଲା। ଝାଡଖଣ୍ଡ ସିମଡ଼େଗା ଥାନାରେ ଏହି ଫଟୋକୁ ଚିହ୍ନଟ କରାଯାଇ ରାଉରକେଲା ପୋଲିସ ସହ ଯୋଗାଯୋଗ କରାଯାଇଥିଲା। ମୃତକ ଭୋଲା କୋଭିଡ୍ ସମୟରେ ପାନପୋଷ ରୋଡ୍‌ରେ ଏକ ହୋଟେଲରେ ରହି କାମ କରୁଥିଲେ। ପରବର୍ତ୍ତୀ ସମୟରେ ହୋଟେଲ ବନ୍ଦ ହୋଇଯିବାରୁ ସେ ଝାଡ଼ଖଣ୍ଡ ନ ଫେରି ପ୍ଲାଣ୍ଟସାଇଟ୍ ଓ ଡେଲିମାର୍କେଟରେ ରହି ଦିନ ମଜୁରିଆ କାମ କରୁଥିଲେ। ସେ ଅବିବାହିତ ଥିଲେ। ତେବେ ରବିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ପ୍ଲାଣ୍ଟସାଇଟ୍ ଥାନାରେ ଏ ନେଇ ଏକ ହତ୍ୟା ମାମଲା (ନଂ.୬୩୫/୨୪) ରୁଜୁ ହୋଇଥିଲା। ତେବେ ଶନିବାର କେଉଁ ପରିସ୍ଥିତିରେ ମୃତକ ପାହାଡ଼ ଉପରକୁ ଯାଇଥିଲେ ଏବଂ କିଏ ତାଙ୍କୁ ଆକ୍ରମଣ କରିଥିଲା, ସେ ନେଇ ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ। ସୂଚନାଯୋଗ୍ୟ, ପାହାଡ଼ ଉପରେ ଅଚେତ ଏବଂ ରକ୍ତାକ୍ତ ଅବସ୍ଥାରେ ଉକ୍ତ ଯୁବକ ପଡ଼ିଥିବା ଦେଖି କିଛି କାଠ କଟାଳି ପୋଲିସକୁ ସୂଚନା ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଫୋନ୍ ଲୁଟେରା ଗିରଫ

**ବନ୍ଧମୁଣ୍ଡା,୫ା୮ (ସୁବ୍ରତ ଦେ):** ବନ୍ଧମୁଣ୍ଡା ପୋଲିସ ଜଣେ ଫୋନ ଲୁଟେରାଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଛନ୍ତି। ସେ ହେଲେ ଡିଜେଲ କଲୋନୀର ବାସିନ୍ଦା ଆଇ ଗଙ୍ଗାଧର (୨୮)। ସୂଚନା ଅନୁଯାୟୀ, ଅଗଷ୍ଟ ୩ରେ ଶୀତଳନଗରର ବାସିନ୍ଦା ଏ ନାଗେଶ ଡିଜେଲ ଛକଠାରେ ଫୋନରେ କଥା ହେଉଥିବା ବେଳେ ଗଙ୍ଗାଧର ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କ ନିକଟରୁ ମୋବାଇଲ ଜବତ କରିଛି।

# ଲାଗିପାରୁନି ରୋକ୍, ବୃଦ୍ଧିପାଉଛି ପ୍ରଦୂଷଣ

**ରାଉରକେଲା,୫ା୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରସାରା ଖୁଲମଖୁଲା ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଚାଲିଛି। କେନ୍ଦ୍ର ସରକାର ୨୦୦୮ରୁ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ବହୁ ଆଇନଗତ କଟକଣା ସହ ବ୍ୟାପକ ସଚେତନା ଅଭିଯାନ ଚଳାଇ ଆସୁଛନ୍ତି। ଏଥିସହ ୨୦୨୨ରେ ସରକାରଙ୍କ ପକ୍ଷରୁ ଦେଶରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଗଲା। ମାତ୍ର ରାଉରକେଲାରେ ଏହି ଅଭିଯାନ ସମ୍ପୂର୍ଣ୍ଣ ବାଟବଣା ହୋଇଛି। ଫଳରେ ସହରର ପ୍ରାୟ ସବୁ ହୋଟେଲ, ରେଷ୍ଟୁରାଣ୍ଟ, ଆମିଷ ବଜାର, ମିଷ୍ଟାନ୍ନ ବଜାର, ବିଭିନ୍ନ ମଲ, ପରିବା ବଜାର ଓ ଗ୍ରୋସରୀ ଦୋକାନରେ ପଲିଥିନ ପ୍ରଦାନ କରାଯାଉଛି। ଏହିଭଳି ଉପାଦାନ ସହରବ୍ୟାପୀ ଫିଙ୍ଗା ଫୋପଡା ହେଉଛି। ସହରର ବୁଲା ଗାଈ ଗୋରୁଙ୍କଠାରୁ ଆରମ୍ଭ କରି କୁକୁରମାନେ ଉକ୍ତ ପଲିଥିନ ଏବଂ ପ୍ଲାଷ୍ଟିକ ରାସ୍ତାରୁ ଗୋଟାଇ ଖାଉଥିବା ବେଳେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସେହିପରି ପଲିଥିନ ନଷ୍ଟ ପାଇଁ ଏହାକୁ ପୋଡା ଯାଉଥିବା ବେଳେ ଏହାର ଧୂଆଁରେ ସହର ଜଳବାୟୁ ପ୍ରଦୂଷିତ ହେଉଛି।

ରାଉରକେଲାରେ ଏଭଳି ଏକକ ବ୍ୟବହାର ପଲିଥିନ ଓ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଗୋଟିଏ ବି ଉଦ୍ୟୋଗ ନାହିଁ। ପ୍ରାୟତଃ ଛତିଶଗଡ ଓ ରାୟପୁର ଆଦି ଅଞ୍ଚଳରୁ ବହୁଳ ମାତ୍ରାରେ ଏଭଳି ପଲିଥିନ ଓ ପ୍ଲାଷ୍ଟିକ ସହରକୁ ଆସୁଥିବା ପରିବେଶ ବିଭାଗ ସୂତ୍ରରୁ ଜଣାପଡିଛି। ଏଥିସହ ପ୍ରାୟ ପଲିଥିନ ପ୍ୟାକେଟ ଚାଇନା ମେଡ୍ ରହୁଥିବା ଜଣାପଡିଛି। ତେବେ ସହର ପରିବେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେଉଥିବା ଏଭଳି ଘାତକ ଉପାଦାନର ବହୁଳ ବ୍ୟବହାର ରୋକିବା ଦାୟିତ୍ୱ ରାଉରକେଲା ପରିବେଶ ବିଭାଗ ଓ ଆର୍‌ଏମ୍‌ସି ହାତରେ ନ୍ୟସ୍ତ। ଆରଏମସି ତରଫରୁ ଦୈନିକ ସହରର ବିଭିନ୍ନ ଡମ୍ପିଂ ୟାର୍ଡ ଓ ରାସ୍ତାରୁ ୧୫୦ ଏମ୍‌ଟି ଆବର୍ଜନା ସଲିଡ ୱେଷ୍ଟ ପୁନଃଚକ୍ରଣ ପ୍ରକ୍ରିୟାରେ ବିଶୋଧନ କରାଯାଉଛି। ଦୈନିକ ୩୩୩ ସିୟୁଏମ ସଲିଡ ୱେଷ୍ଟରୁ ୬୭ସିୟୁଏମ ସଲିଡ ୱେଷ୍ଟ ପୁନଃଚକ୍ରଣ କରାଯାଇ କମ୍ପୋଷ୍ଟ ଖତ ମଧ୍ୟ ଉତ୍ପାଦନ କରାଯାଉଛି। ଏହା ସତ୍ତ୍ୱେ ସହରରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲାଗି ପାରୁନି। ଫଳରେ ସହରବ୍ୟାପୀ କୁଢ କୁଢ ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା ଚାରିଆଡେ ପଡୁଛି। ସ୍ଥାନୀୟ ପ୍ରଶାସନ ପଲିଥିନର ବହୁଳ ବ୍ୟବହାର ରୋକିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଏ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ମୁଖ୍ୟ ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ୧୧ମାସ ମଧ୍ୟରେ ୫ଥର ସହରର ବିଭିନ୍ନ ସ୍ଥାନରେ ରିସାଇକ୍ଲିଂ ହୋଇପାରୁ ନ ଥିବା ଏକ୍ସଜିନ କିସମ ପତଳା ପଲିଥିନ ଓ ପ୍ଲାଷ୍ଟିକ ରଖୁଥିବା ଦୋକାନ ଉପରେ ଚଢାଉ କରାଯାଇଛି। ଆଗକୁ ସହରର ପରିବେଶ ଏବଂ ଜଳବାୟୁ ପାଇଁ ଘାତକ ସାଜୁଥିବା ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ ଲଗାଇବାକୁ ବ୍ୟାପକ ଚଢାଉ ଅଭିଯାନ କରାଯିବ ବୋଲି ସେ କହିଥିଲେ।


ସହରରେ କୁଢ କୁଢ ପ୍ଲାଷ୍ଟିକ ଓ ପଲିଥିନ ଯୋଗୁ ପ୍ରଦୂଷଣ ସୃଷ୍ଟି ହେଉଛି।

**ଷ୍ଟିଲସିଟିରେ ବଢୁଛି ପଲିଥିନ ବ୍ୟବହାର**

- ୧୧ମାସ ମଧ୍ୟରେ ମାତ୍ର ୫ ଚଢ଼ାଉ
- ପଲିଥିନ, ପ୍ଲାଷ୍ଟିକ ମୁକ୍ତ ସହର ଅଭିଯାନ ବାଟବଣା

## କୁରାଳ ମହାସଂଘର ରାଜ୍ୟସ୍ତରୀୟ ମହାସମାବେଶ



ବୈଠକରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା, ୫ା୮(ଦିନେଶ ମିଶ୍ର)**

ରାଉରକେଲାର ଏକ ଘରୋଇ ହୋଟେଲ ପରିସରରେ କୁରାଳ ମହାସଂଘର ରାଜ୍ୟ ସ୍ତରୀୟ ମହାସମାବେଶ ସଂଘର ଉପଦେଷ୍ଟା ଉଦୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟରେ ବସବାସ କରୁଥିବା କୁମ୍ଭାର ସମ୍ପ୍ରଦାୟର କୌଳିକ ବୃତ୍ତିକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କୁରାଳ ସମାଜ ପକ୍ଷରୁ ଆଗାମୀ ଦିନରେ ସରକାରଙ୍କଠାରେ ଉପସ୍ଥାପନ ହେବାକୁ ଥିବା ବିଭିନ୍ନ ଦାବିକୁ ନେଇ ତର୍ଜମା କରାଯାଇଥିଲା। ସେଥିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଟି କଳାକାରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବୋର୍ଡ ଗଠନ, ଜନଜାତି ମାନ୍ୟତା ପ୍ରଦାନ, ଭୁବନେଶ୍ୱର ଓ ପୁରୀଠାରେ କୁମ୍ଭାର ଭବନ ନିର୍ମାଣ ଭଳି ଦାବି ସମାଜ ପକ୍ଷରୁ କରାଯାଇଥିଲା। ଆଗାମୀ ୨୦୨୫ ମାର୍ଚ୍ଚ ମାସରେ ରାଜ୍ୟର ୧ଲକ୍ଷ କୁମ୍ଭାର ସମ୍ପ୍ରଦାୟର ଲୋକଙ୍କୁ ନେଇ ଭୁବନେଶ୍ୱରଠାରେ ଏକ ବିଶାଳ ସମାବେଶ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଝାଡ଼ଖଣ୍ଡ ପ୍ରଦେଶର ପ୍ରଭାରୀ ଅର୍ଜ୍ଜୁନ ମହାନ୍ତ, ସଭାପତି ଯୁଗୋଳ କିଶୋର ରଣା, ସାଧାରଣ ସମ୍ପାଦକ ଜଗବନ୍ଧୁ ପାଲ, କୋଷାଧ୍ୟକ୍ଷ ଛାତ୍ର ରଣା, ଦିବାକର ରଣା, ତିଳୋତ୍ତମା ରଣା, ପ୍ରମୋଦ ବେହେରା, ନିରାକାର ରଣା, ଗୁପ୍ତେଶ୍ୱର ରଣା ପ୍ରମୁଖ ଉପସ୍ଥିତ ରହି କୁରାଳ ସମାଜର ଆଭିମୁଖ୍ୟ ଉପରେ ମତପ୍ରକାଶ କରିଥିଲେ। ହେମନ୍ତ କୁମାର ରଣା, ଭକ୍ତଚରଣ ରଣା, କାହ୍ନୁଚରଣ ରଣା, ମମତା ରଣା, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସଦସ୍ୟ ବକ୍ସି ଜଗବନ୍ଧୁ ପାଲ ମଞ୍ଚ ପରିଚାଳନା କରିଥିଲେ। କାହ୍ନୁଚରଣ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗମାନେ ରାଖୀ ପ୍ରସ୍ତୁତ କରୁଛନ୍ତି।

## ରାଖୀ ତିଆରି କରି ଉଦାହରଣ ସାଜିଲେ ଦିବ୍ୟାଙ୍ଗ

**ରାଉରକେଲା,୫ା୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଶ୍ରଦ୍ଧା ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରୁଥିବା ଦିବ୍ୟାଙ୍ଗ ପିଲାମାନେ ନିଜ ଦକ୍ଷତା ଏବଂ ନିଖୁଣ ପ୍ରତିଭା ବଳରେ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସପ୍ତାହେ ନୁହେଁ ମାସେ ବ୍ୟାପୀ ଶିକ୍ଷାନୁଷ୍ଠାନର ଦିବ୍ୟାଙ୍ଗ ପିଲାଏଁ ନିଜ ପ୍ରତିଭା ବଳରେ ସ୍ପଞ୍ଜ, ସୂତା, ମାଳି, ଷ୍ଟୋନ ଆଦିରୁ ଆକର୍ଷଣୀୟ ରାଖୀ ନିର୍ମାଣ କରୁଛନ୍ତି। ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ପିଲାଏଁ ଆଜନ୍ମରୁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ। ତଥାପି ସେମାନେ ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ସମସ୍ତଙ୍କ ନିକଟତର ହୋଇ ପାରିଛନ୍ତି। ଏମାନେ ଯେ କେବଳ ରାଖୀ ତିଆରି କରୁନାହାନ୍ତି, ରକ୍ଷା ବନ୍ଧନ ପର୍ବରେ ସମସ୍ତଙ୍କ ହାତରେ ରାଖୀ ବାନ୍ଧି ଆତ୍ମୀୟତାର ବାର୍ତ୍ତା ଦେଇ ଆସୁଛନ୍ତି। ଆଗାମୀ ରାଖୀ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଆଜିକୁ ମାସେ ହେଲା ଅନୁଷ୍ଠାନର ଦିବ୍ୟାଙ୍ଗ ପିଲାମାନେ ସୂତା, ମାଳି, ଚୁମକୀ, ଅଠା ଓ ରଙ୍ଗବେରଙ୍ଗ କାଗଜ ଆଦି ସାମଗ୍ରୀ ଆଣି ରାଖୀ ତିଆରି କରୁଛନ୍ତି। ବର୍ତ୍ତମାନ ଏହି ରାଖୀ ସହରର ଦୋକାନ ବଜାରରେ ଉପଲବ୍ଧ। ପ୍ରତ୍ୟେକ ରାଖୀର ମୂଲ୍ୟ ୧୦ରୁ ୪୦ଟଙ୍କା। ମାତ୍ର ଏହି ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରତିଭାକୁ ଦେଖି ଲୋକେ ଅଧିକ ଦରରେ ରାଖୀ କିଣିବାକୁ ମଧ୍ୟ ପଛାଉନାହାନ୍ତି। ଶିକ୍ଷାନୁଷ୍ଠାନର ସମସ୍ତ ଦିବ୍ୟାଙ୍ଗମାନଙ୍କୁ ସବୁ କ୍ଷେତ୍ରରେ ନିପୁଣ କରାଇବା ସହ ରାଖୀ ପ୍ରସ୍ତୁତିରେ ମାର୍ଗଦର୍ଶନ ଦେଉଛନ୍ତି ଶିକ୍ଷୟିତ୍ରୀ ଅଳୀ ମହାରଣା ଓ ସୁଜାତା ରାଉତ। ପିଲାମାନଙ୍କର ପ୍ରତିଭା ଓ ଦକ୍ଷତା ନିଶ୍ଚିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଶିକ୍ଷାନୁଷ୍ଠାନର ପ୍ରୀତି ବାରିକ ଏବଂ ପ୍ରଭାତୀ ପ୍ରଧାନ କୁହନ୍ତି।

# ଇସ୍ପାତ ଉତ୍ପାଦନରେ ଆର୍‌ଏସ୍‌ପିର ରେକର୍ଡ

**ରାଉରକେଲା,୫ା୮(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ଏପ୍ରିଲରୁ ଜୁଲାଇ ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ହୋଇଥିବା ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନ ରେକର୍ଡକୁ ଭାଙ୍ଗି ସର୍ବକାଳୀନ ଶ୍ରେଷ୍ଠ ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନ କରିବା ରେକର୍ଡ ହାସଲ କରିଛି। ଆର୍‌ଏସ୍‌ପି ଉକ୍ତ ଅବଧି ମଧ୍ୟରେ ୧୪.୦୦.୫୮୨ ଟନ୍ ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନ କରି ଅନୁରୂପ ପୂର୍ବ ବର୍ଷରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୧୩.୮୧.୭୫୦ ଟନ୍ ବିକ୍ରି ଯୋଗ୍ୟ ଇସ୍ପାତ ରେକର୍ଡକୁ ପଛରେ ପକାଇ ଦେଇଛି। ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ୮.୧୭.୬୭୫ଟନ୍ ଏଚ୍‌ଆର କୋଏଲ ଉତ୍ପାଦନ କରି ଏପ୍ରିଲ-ଜୁଲାଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିଟ୍ ସିୟରିଙ୍ଗ ଲାଇନ୍ ଜୁଲାଇ ୧୮ତାରିଖରେ ଶ୍ରେଷ୍ଠ ଏକଦିବସୀୟ ୧୧୫୭ ଟନ୍ ଉତ୍ପାଦନ ହାସଲ କରି ଗତ ଜୁନ ୩୦ ତାରିଖରେ ହାସଲ ହୋଇଥିବା ପୂର୍ବଶ୍ରେଷ୍ଠ ୧୦୨୫ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏସ୍‌ଏସ୍‌ଏଲ ମଧ୍ୟ ଜୁଲାଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ୨୨୬୪୬ ଟନ୍ ଉତ୍ପାଦନ ହାସଲ କରିଥିଲା। ଏଭଳି ବ୍ଲାଷ୍ଟ ଫର୍ନେସ-୫ ଦୁର୍ଗା ଜୁଲାଇ ମାସରେ ସର୍ବଶ୍ରେଷ୍ଠ ମାସିକ ୨୬୩୧୩୧ ଟନ୍ ଉତ୍ପାଦନ କରିଥିଲା। ଏଥିପୂର୍ବରୁ ଗତ ମାର୍ଚ୍ଚ ମାସରେ ୨୬୨୧୧୫ ଟନ୍ ଉତ୍ପାଦନ ବିଭାଗ ସର୍ବୋତ୍ତମ ପ୍ରଦର୍ଶନ ରହିଥିଲା।

ସୂଚନାଯୋଗ୍ୟ, ଆର୍‌ଏସ୍‌ପି ରଣନୀତିକ ଭାବେ ବ୍ୟୟ ନିପୁଣତା ଓ ଉତ୍ପାଦକତାରେ ଉନ୍ନତି ଆଣିବା ସହିତ ବୈଷୟିକ ଅର୍ଥନୈତିକ ପରିମାପକତାରେ ଉନ୍ନତି ସାଧନ ଉପରେ ଧ୍ୟାନ କେନ୍ଦ୍ରୀତ କରିଛି। ବ୍ୟାପକ ପ୍ରୟାସ ଫଳସ୍ୱରୂପ ଦୁଇଟି ବ୍ଲାଷ୍ଟ ଫର୍ନେସ କାର୍ଯ୍ୟକ୍ଷମ କରିବା ସହ ହଟ୍ ମେଟାଲ ଟନ୍ ପିଛା ହାରାହାରି ସର୍ବଶ୍ରେଷ୍ଠ ୩୮୬ କିଗ୍ରା କୋକ୍ ହାର ହାସଲ ହୋଇଛି। ଏଥିପୂର୍ବରୁ ଏପ୍ରିଲ ୨୦୧୮ରେ ଶ୍ରେଷ୍ଠ କୋକ୍ ହାର ୩୯୩ କିଗ୍ରା ହାସଲ ହୋଇଥିଲା। ସେହିପରି ଦୁଇଟି ଫର୍ନେସ କାର୍ଯ୍ୟକ୍ଷମ କରିବା ସହିତ ବ୍ଲାଷ୍ଟ ଫର୍ନେସ ସପର ଉତ୍ପାଦକତା ସର୍ବଶ୍ରେଷ୍ଠ ଘନମିଟର ପ୍ରତି ୨.୩୮୪ ଟନ୍ ହାସଲ ହୋଇଛି। ୨୦୧୬ ଜୁନ୍ ମାସରେ ହାସଲ ହୋଇଥିବା ୨.୩୦୯ରେ ଉନ୍ନତି ଆସିପାରିଛି ବୋଲି ଆର୍‌ଏସ୍‌ପି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ଆରଏସ୍‌ପିରେ ଇସ୍ପାତ ଉତ୍ପାଦନ ହେଉଛି।

## ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ ପ୍ରସ୍ତୁତି ବୈଠକ


ବୈଠକରେ ମଞ୍ଚାସୀନ ଅତିଥି।

**ରାଉରକେଲା,୫ା୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସେକ୍ଟର-୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରକୋଷ୍ଠରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରାଉରକେଲା ଯାଦବ ଉନ୍ନୟନ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ ସମିତି କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ଦାସ ଅଧ୍ୟକ୍ଷତା କରିଥିଲେ। ଆଗାମୀ ୨୬ତାରିଖରେ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ କିଭଳି ଧୁମ୍‌ଧାମ୍‌ରେ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସମିତିର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପାଣ୍ଡବ ସ୍ୱାଗତ ଭାଷଣ ଦେଇଥିଲେ। ଜନ୍ମାଷ୍ଟମୀ ପାଳନ ହେବାର ୩ଦିନ ଆଗରୁ ଗୀତାଯଜ୍ଞ ସହିତ ଭଜନ ଏବଂ ପ୍ରବଚନ କାର୍ଯ୍ୟକ୍ରମ କରାଯିବ ବୋଲି ସମିତିର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ଦାସ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ପାଣ୍ଡବ, ବିଦ୍ୟାଧର ବେହେରା, ଭଜହରି ବେହେରା, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧକ୍ଷ କାଳିନ୍ଦୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଡିବୁଟି ଦିବସରେ ଔଷଧୀୟ ଚାରା ରୋପଣ

**ରାଉରକେଲା,୫ା୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୯ ସ୍ଥିତ କାଳୀ ମନ୍ଦିର ତଥା ଜ୍ଞାନ ଜ୍ୟୋତି ପବ୍ଲିକ ସ୍କୁଲ ନିକଟ ପଡିଆରେ ସୋମବାର ଆୟୁର୍ବେଦ ବିଶାରଦ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜନ୍ମଦିବସ ପରିପ୍ରେକ୍ଷୀରେ ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଜଡିବୁଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିବାର ପକ୍ଷରୁ ବ୍ୟାପକ ଔଷଧୀୟ ଚାରା ରୋପଣ କରାଯାଇଥିଲା। ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ପ୍ରଥମେ ଚାରା ରୋପଣ କରିଥିଲେ। ପରେ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ହରିଡା, ବାହାଡା, ନିମ୍ବ, ଅଁଳା, ପିଜୁଳି ଅଶ୍ୱଗନ୍ଧା ଓ ବୁରୁସୁଙ୍ଗା ଆଦି ଚାରା ରୋପଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଏସ୍‌ଟି ଜିଲା ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ମହିଳା ମହାମନ୍ତ୍ରୀ ରିତା ପାଣିଗ୍ରାହୀ, ଜିଲା ମହିଳା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଜିଲା ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ଜିଲା ମିଡିଆ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ, କୁନ୍ତଳା ସା ଏବଂ ରଶ୍ମୀରେଖା ଦାସଙ୍କ ସମେତ ବହୁ ଯୋଗ ଶିକ୍ଷୟିତ୍ରୀଶିକ୍ଷକ, ସାଧିକାସାଧକ ଗଣ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସାମୂହିକ ଭାବେ ଚାରା ରୋପଣ କରାଯାଉଛି।

# ବିଶ୍ରା ଛକ: ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ରାଉରକେଲା,୫ା୮ (ସଙ୍ଗୀତା ଜେନା)**

ସ୍ମାର୍ଟସିଟି ରାଉରକେଲାର ବିଶ୍ରା ଛକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଇସ୍ପାତ ଶିଳ୍ପାଞ୍ଚଳ ଓ ସ୍ମାର୍ଟସିଟି ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏହି ଛକର ପ୍ରମୁଖତା ରହିଆସିଛି। ଉକ୍ତ ଛକରୁ ବନ୍ଧମୁଣ୍ଡା-ବିଶ୍ରା-ମନୋହରପୁର ରୋଡ ଜାତୀୟ ରାଜପଥ, ରାଉରକେଲା ଇସ୍ପାତ କାରଖାନା ପ୍ରବେଶ ଦ୍ୱାର, ରିଂରୋଡ୍, ରେଳ ଷ୍ଟେଶନ, ମେନ୍ ରୋଡ, ନୂଆ ବସ୍‌ଷ୍ଟାଣ୍ଡ ଆଦିକୁ ଏହି ଛକ ସହ ସଂଯୋଗ କରାଯାଇଛି। ଏହି ଛକ ଦେଇ ପ୍ରତିଦିନ ହଜାର ହଜାର ଭାରିଯାନ, ବସ୍ ଚଳାଚଳ କରୁଛି। ତେବେ ଏହି ଛକ ଦିନକୁ ଦିନ ସଙ୍କୀର୍ଣ୍ଣ ହୋଇପଡୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏଠାରେ ନୋ ଭେଣ୍ଡିଂ ଜୋନ୍, ନୋ ପାର୍କିଂ ଆଦି ଫଳକ ଲଗାଯାଇଛି। ହେଲେ ଏହାକୁ କେହି ଭ୍ରୁକ୍ଷେପ କରୁନାହାନ୍ତି। ଫଳରେ ଦୂରଦୂରାନ୍ତରୁ ବିଭିନ୍ନ କଲେଜକୁ ଆସୁଥିବା ଛାତ୍ରୀଛାତ୍ର, ଆର୍‌ଏସ୍‌ପି କର୍ମଚାରୀ ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଛକରେ ଅନେକ ଆର୍‌ଏସ୍‌ପି କର୍ମଚାରୀ ଡ୍ୟୁଟି ଯିବା ସମୟରେ ଦୁର୍ଘଟଣାରେ ପ୍ରାଣ ମଧ୍ୟ ହରାଇଛନ୍ତି। କିଛିବର୍ଷ ତଳେ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍ ନିର୍ମାଣ ସମୟରେ ଏଠାରେ ଫଳ ବ୍ୟବସାୟୀମାନଙ୍କୁ ବନ୍ଧମୁଣ୍ଡା ରୋଡରେ ପ୍ରାୟ ୫୨ରୁ ଉର୍ଦ୍ଧ୍ୱ ଭେଣ୍ଡିଂ ଜୋନ୍ କରି ଦୋକାନଗୃହ ଆବଣ୍ଟନ ହୋଇଥିଲା। ସେମାନେ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ପୁନଃ ନିଜର ଠେଲା ଲଗାଇ ବ୍ୟବସାୟ କରୁଛନ୍ତି। ଏହାଯୋଗୁ ଗହଳି ଅଧିକ ହେଉଛି। ସେହିପରି ଅଟୋ ଓ ଟ୍ୟାକ୍ସିଗୁଡ଼ିକ ମଧ୍ୟ ନିୟମ ନ ମାନି ଗହଳି କରୁଛନ୍ତି।

ରାଉରକେଲାରୁ ପ୍ରତ୍ୟେହ ୩ ଶହ ବସ୍ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। ଏହା ନୂଆ ବସଷ୍ଟାଣ୍ଡରୁ ବାହାରି ବିଶ୍ରା ଛକ ଦେଇ ସହରକୁ ପ୍ରବେଶ ଓ ପ୍ରସ୍ଥାନ କରିଥାଏ। ଏହି ଛକରେ ଫଳ ଓ ଉଠାଦୋକାନୀ ଥିବାରୁ ଯାନବାହନ ଚଳାଚଳ ସମୟରେ ଜାମ୍ ରହୁଛି। ସାଧାରଣ ଲୋକଙ୍କ ପାଇଁ ଏଠାରେ ଯାଆସ କରିବା କଷ୍ଟକର ହୋଇପଡୁଛି। ଟ୍ରାଫିକ ବ୍ୟବସ୍ଥା କଡାକଡ଼ି କରାଯାଉନାହିଁ। ଏହାର ସ୍ଥାୟୀ ସମାଧାନ ଦରକାର ବୋଲି ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିମାନ ମାଇତି କହିଛନ୍ତି। ସେହିପରି ଜନୈକ ମୋ ବସ୍ କର୍ମଚାରୀ କହିଛନ୍ତି, ସହର ସମେତ ବନ୍ଧମୁଣ୍ଡା, ଛେଣ୍ଡ, ସିଭିଲଟାଉନଶିପ୍, ବିରମିତ୍ରପୁର ଓ ଅନ୍ୟ ୨୪ଟି ରୁଟ୍‌କୁ ବିଶ୍ରା ଛକ ଦେଇ ପ୍ରାୟ ୯୫ଟି ମୋ ବସ୍ ଚଳାଚଳ ହେଉଛି। ଏଠାରେ ଉଠାଦୋକାନୀଙ୍କ ଯୋଗୁ ଗହଳି ହେଉଛି। ଦ୍ୱିପହର ଓ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ହେଉଛି। ଏଥିଯୋଗୁ ଅନେକ ସମୟରେ ବସ୍ କର୍ମଚାରୀଙ୍କ ସହ ଗଣ୍ଡଗୋଳ ହେବା ସହ ବସ୍‌ର ଯନ୍ତ୍ରାଂଶ ଓ ମିରର୍ ଆଦି ପାଇଁ ଭାଙ୍ଗିଯାଉଛି। ଏହି ଜାମ୍‌କୁ ସୁଧାରିବା ଆବଶ୍ୟକ ବୋଲି କର୍ମଚାରୀ ଜଣଙ୍କ କହିଥିଲେ। ଏହି ନେଇ ରାଉରକେଲା ପୋଲିସ ଜିଲା ଟ୍ରାଫିକ୍ ଡିଏସ୍‌ପି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ସେ କହିଲେ, ସହରରେ ଟ୍ରାଫିକ ନିୟମ ପାଇଁ ନିକଟରେ ଡିଆଇଜି ବ୍ରିଜେଶ ରାୟଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଥିଲା। ପାର୍କିଂ, ନିୟମ ଉଲ୍ଲଂଘନ ସହ ଦୁର୍ଘଟଣାପ୍ରବଣ ସ୍ଥାନମାନଙ୍କରେ ଟ୍ରାଫିକ କର୍ମଚାରୀ ନିୟୋଜିତ କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ତେବେ ବିଶ୍ରା ଛକରେ ସମସ୍ୟା ନେଇ ଡିଆଇଜିଙ୍କ ସହ ବିଶେଷ ଆଲୋଚନା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏସ୍‌ପି ଭୋଇ କହିଥିଲେ।


ବିଶ୍ରା ଛକରେ ରାସ୍ତାକଡ଼ରେ ଫଳ ବ୍ୟବସାୟ ଚାଲିଛି।

- ବିଶ୍ରା ଛକରେ ଉଠାଦୋକାନୀଙ୍କ ପ୍ରାଦୁର୍ଭାବ
- ନାମକୁ ମାତ୍ର ରହିଛି ନୋ ଭେଣ୍ଡିଂଜୋନ୍
- ଭେଣ୍ଡିଂ ଜୋନ୍ ମିଳିବା ସତ୍ତ୍ୱେ ଠେଲା ବେପାର
- ଭିଡ଼ ଯୋଗୁ ମୋ ବସ୍ ହେଉଛି ଦୁର୍ଘଟଣାଗ୍ରସ୍ତ

# ଚାକିରି କରାଇଦେବା ନାଁରେ ଠକେଇ

## ପ୍ରାଣୀ ଚିକିତ୍ସାଧିକାରୀଙ୍କ ନାମରେ ଥାନାରେ ଅଭିଯୋଗ

ରେଢାଖୋଲ, ୫।୮ (ଅଚ୍ୟୁତାନନ୍ଦ ପୁରୋହିତ)

ଚାକିରି କରେଇଦେବା ନାଁ ରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ନେଇ ରେଢାଖୋଲ ଏନ୍ଏସି ୱାର୍ଡ ନଂ.୩ ଶିବଶଙ୍କରପଡାର ଦିତିଆ ସୁନା ଓ ନରେନ୍ଦ୍ର ବେହେରା ପ୍ରାଣୀ ଚିକିତ୍ସାଧିକାରୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି। ପ୍ରାଣୀ ଚିକିତ୍ସାଳୟରେ ଚୌକିଦାର ପଦବୀରେ ଚାକିରି କରାଇଦେବାକୁ କହି ପ୍ରାଣୀ ଚିକିତ୍ସାଧିକାରୀ ସେପ୍ଟେମ୍ବର ୨୮ରେ ତାଙ୍କଠାରୁ ୧ଲକ୍ଷ ଟଙ୍କା ନେଇଥିବା ଦିତିଆ ଅଭିଯୋଗ କରିଛନ୍ତି। ସେହିପରି ପୁଅକୁ ଚାକିରି କରାଇଦେବାକୁ କହି ବର୍ଷେ ହେବ ପ୍ରାଣୀ ଚିକିତ୍ସାଧିକାରୀ ୯୦ ହଜାର ଟଙ୍କା ନେଇଥିବା ନେଇ ନରେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି। ତେବେ କିଛିମାସ ପରେ ଚାକିରି ନ ହେବାରୁ ତାଙ୍କୁ ଉଭୟେ ଟଙ୍କା ଫେରାଇଦେବାକୁ କହିଥିଲେ। ହେଲେ ସେ ସମୟ ଗଡାଇ ଚାଲିଥିଲେ। ଅଭିଯୋଗ ପରେ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟନାରାୟଣ ସାହୁଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଅନ୍ୟମାନଙ୍କ ପ୍ରରୋଚନାରେ ସେମାନେ ଅଭିଯୋଗ କରିଥିବା କହିଛନ୍ତି।

# ବଜାର ବ୍ୟବସ୍ଥା ସୁଦୃଢ଼ ହେଲେ ଚାଷୀ ଉପକୃତ ହେବେ

## କୁଚିଣ୍ଡା ପଞ୍ଚାୟତ ସମିତିର ପଞ୍ଚମ ବୈଠକ

କୁଚିଣ୍ଡା,୫।୮ (ବିରଞ୍ଚି ଦର୍ଶୀ)



ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଜନ ପ୍ରତିନିଧି ଓ ଅଧିକାରୀ ମାନେ।

କୃଷି ଓ ଉଦ୍ୟାନ କୃଷି ପାଇଁ ବଜାର ବ୍ୟବସ୍ଥା ସୁଦୃଢ ହେଲେ ଯାଇ ଚାଷୀ ଉପକୃତ ହୋଇ ପାରିବେ। ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ଏହା କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ସେ କହିଛନ୍ତି ଓରମାସ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ପ୍ରକୃତରେ କେତେକ ସ୍ଥାନରେ କ୍ଲଷ୍ଟର ଖୋଲା ଗଲେ ଚାଷୀମାନେ ସୁବିଧାରେ ନିଜ ଉତ୍ପାଦିତ ଦ୍ରବ୍ୟ କିଣାବିକା କରି ପାରିବେ। କୁଚିଣ୍ଡା ବ୍ଲକରେ ବହୁଳ ପରିମାଣରେ ଆମ୍ବ ଚାଷ ହେଉଥିବା ସ୍ଥଳେ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ତେଣୁ ଆମ୍ବ ମଣ୍ଡି ଖୋଲିବା ପ୍ରସ୍ତାବ ଦେବାକୁ ଉଦ୍ୟାନ କୃଷି ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

ସୋମବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା କୁଚିଣ୍ଡା ପଞ୍ଚାୟତ ସମିତିର ପଞ୍ଚମ ବୈଠକରେ ବିଡିଓ ନିରଞ୍ଜନ କୁମାର ସା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ବିଭାଗ ଆଲୋଚନାରେ ମନ୍ତ୍ରୀ ନାଏକ ଅଂଶଗ୍ରହଣ କରି କହିଥିଲେ ଯେ ନିଜ ଅଞ୍ଚଳର ଶିକ୍ଷାର ଗୁଣାତ୍ମକମାନ ଯେଭଳି କାର୍ଯ୍ୟକାରୀ ହୋଇ ପାରିବ ପଞ୍ଚାୟତ ସମିତିର ପ୍ରତିନିଧିମାନେ ତାର ତଦାରଖ କରନ୍ତୁ। ବୈଠକରେ କୃଷି ଓ ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ, ମତ୍ସ୍ୟ ଓ ପଶୁପାଳନ, ଅନୁସୂଚିତ ଜାତି ଓ ଜନଜାତି, ଜଙ୍ଗଲ, ଓଡିଶା ଜୀବିକା ମିଶନ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା ଯୋଜନା ଆଦି ବିଷୟମାନ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଓ ଅଜିତ ମହାପାତ୍ର, ତହସିଲଦାର ପ୍ରସନ୍ନ ଟେଟ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିପିଡିଓ ମନ୍ତୁରାମ ପ୍ରଧାନ ପୂର୍ବ ବିବରଣୀ ପଠନ କରିଥିବା ବେଳେ ଅତିରିକ୍ତ ବିଡିଓ ସହଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିମ୍‌ସାରରେ ରକ୍ତ ଅଭାବ ଦୂର ପାଇଁ ଉଦ୍ୟମ

ସମ୍ବଲପୁର, ୫।୮ (ପ୍ରମୋଦ ବହିଦାର)

### ସ୍ୱାଧୀନତା ଦିବସ, ରକ୍ତଦାନ ଦିବସରେ ହେବ ରକ୍ତଦାନ ଶିବିର

୭୮ତମ ସ୍ୱାଧୀନତା ଦିବସ ଓ ଜାତୀୟ ରକ୍ତଦାନ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ବୁର୍ଲା ଭିମ୍‌ସାରରେ ରକ୍ତର ଅଭାବ ପୂରଣ ପାଇଁ ଅଣ୍ଟା ଭିଡ଼ିଛି ବୁର୍ଲାର ଅଗ୍ରଣୀ ରକ୍ତଦାନ ଅନୁଷ୍ଠାନ ତ୍ୟାଗ। ଅଗଷ୍ଟ ୧୪ ଓ ୧୫ ତାରିଖ ଓ ଜାତୀୟ ରକ୍ତଦାନ ଦିବସ ଉପଲକ୍ଷେ ସେପ୍ଟେମ୍ବର ୨୯ ତାରିଖରେ ରକ୍ତଦାନ ଶିବିର ଆୟୋଜନ ହେବ। ରକ୍ତଦାନ ଭଳି ମହତ କାର୍ଯ୍ୟ ପ୍ରତି ସମାଜରେ ସଚେତନତା ଜାଗ୍ରତ ଉଦ୍ଦେଶ୍ୟରେ ଏ ନେଇ ବୁର୍ଲାଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟୂନ୍ୟ ୨୦୦ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଛି। ଆୟୋଜିତ ହେବାକୁ ଥିବା ଉକ୍ତ ରକ୍ତଦାନ ଶିବିରମାନଙ୍କରେ ବହୁସଂଖ୍ୟାରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ତ୍ୟାଗ ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି। ତେବେ ରକ୍ତଦାନ କରିବାକୁ ଇଚ୍ଛୁକ ବ୍ୟକ୍ତି ଆଗେଇ ଆସିବାକୁ ଅନୁଷ୍ଠାନର ସଂଯୋଜକ ବାଲା ମଜୁମଦାର, ଦଶରଥ ଦାସ, ବିରଞ୍ଚି ମହାପାତ୍ର, ଗୁଡୁ ଉପଲ, ଲକ୍ଷ୍ମୀ ପ୍ରଧାନ, ଶଙ୍କର ବଗର୍ତ୍ତି ଅନୁରୋଧ କରିଛନ୍ତି। ଅଗଷ୍ଟ ୧୪ ତାରିଖ ସକାଳ ୯ଟାରୁ ଦିନ ଗୋଟାଏ ମଧ୍ୟରେ ପ୍ରଥମ ରକ୍ତଦାନ ଶିବିର ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ଓ ଦ୍ୱିତୀୟ ଶିବିର ସନ୍ଧ୍ୟା ୫ଟାରୁ ରାତ୍ର ୮ଟା ଯାଏ ବୁର୍ଲାସ୍ଥିତ ଡେଲି ମାର୍କେଟରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୫ ତାରିଖରେ ପ୍ରଥମ ଶିବିର ସକାଳ ୮ରୁ ଦିନ ଗୋଟାଏ ମଧ୍ୟରେ ବୁର୍ଲା ଜ୍ୟୋତି ବିହାର ଓ ଦ୍ୱିତୀୟ ଶିବିର ବୁର୍ଲା ଷ୍ଟେଶନପଡ଼ାରେ ସନ୍ଧ୍ୟା ୫ରୁ ରାତ୍ର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ଜାତୀୟ ରକ୍ତଦାନ ଦିବସରେ ଭିମସାରର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।

# ମିଳିନି ବକେୟା ମଜୁରି, ଜିଲାପାଳଙ୍କୁ ଫେରାଦ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

ସମ୍ବଲପୁର,୫।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ କୁଦଗୁଣ୍ଡେରପୁର କୁଦତବଡ଼ା ଗ୍ରାମରେ ୨୦୨୨-୨୩ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ପୋଖରୀର ମାଟି ଉନ୍ନତୀକରଣ କରାଯାଇଥିଲା। ହେଲେ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକାମାନେ ଅଦ୍ୟାବଧି ସେମାନଙ୍କ ମଜୁରି ପାଇ ନାହାନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ପୋଖରୀର କାମରେ ହୋଇଥିବା ମାଟିବୁହାରେ ଗ୍ରାମର ୪୧ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସେମାନେ ଦୀର୍ଘ ୪ ମାସ ଧରି କାମ କରିଥିଲେ ବି ପାରିଶ୍ରମିକ ବାବଦ ସମସ୍ତ ଅର୍ଥ ମିଳିନାହିଁ। ପ୍ରତେକ ଶ୍ରମିକଙ୍କ ପାଖାପାଖି ୮ରୁ ୯ ହଜାର ଟଙ୍କା ଲେଖାଏ ମଜୁରି ବକେୟା ରହିଛି। ସ୍ଥାନୀୟ ସରପଞ୍ଚ, ଜିଆର୍‌ଏସ୍ ଓ ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହି ପରିସ୍ଥିତିରେ ସେମାନେ ଅର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛନ୍ତି ବୋଲି ଜିଲାପାଳଙ୍କୁ କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲା କୋଭିଡ୍-୧୯ ଆୟୁଷ ଡାକ୍ତର ସଂଘ

ସମ୍ବଲପୁର,୫।୮ (ପ୍ରମୋଦ ବହିଦାର)

ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଉପଯୁକ୍ତ ଥଇଥାନ ଦାବି କରିଛି କୋଭିଡ୍-୧୯ ଆୟୁଷ ଡାକ୍ତର ସଂଘ। ଡା. ଜୟଶ୍ରୀ ପ୍ରଧାନ ଓ ଡା. ଦୁଷ୍ମନ୍ତ ଯାଦବଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ସାକ୍ଷାତ୍ କରି ସେମାନଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ। କୋଭିଡ୍ କାଳରେ ଜୀବନକୁ ବାଜି ଲୋଗାଇ ଆୟୁଷ ଡାକ୍ତରମାନେ ନିଷ୍ଠାର ସହିତ ରୋଗୀଙ୍କୁ ସେବା ଯୋଗାଇ ଆସିଥିଲେ। ମାତ୍ର ପୂର୍ବ ସରକାରଙ୍କ ଅବହେଳାର ଶିକାର ହୋଇ ଉକ୍ତ ଡାକ୍ତରମାନେ ଉପଯୁକ୍ତ ଥଇଥାନରୁ ବଞ୍ଚିତ ହୋଇଛନ୍ତି ବୋଲି ସଂଘର ପ୍ରତିନିଧି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହୋଇ ଯଥାଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ମାଝୀ। ଏହାସହିତ ଆୟୁଷ ଡାକ୍ତରଙ୍କ ସମସ୍ୟା ଅନୁଧ୍ୟାନ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ଦେଇଥିଲେ।

# ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କମିଟି କାର୍ଯ୍ୟକାଳ ବଢ଼ିଲା



ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କାର୍ଯ୍ୟକାରିଣୀ ବୈଠକରେ ଅତିଥିମାନେ।

ସମ୍ବଲପୁର, ୫।୮ (ପ୍ରମୋଦ ବହିଦାର)

### ୧୫ସେପ୍ଟେମ୍ବରରୁ କର୍ଣ୍ଣାଟକରେ ଦୁଇଦିନିଆ ଗୋଁଣ୍ଡୱାନା ଗୁଣ୍ଡି ସାହିତ୍ୟ ସମ୍ମିଳନୀ

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଜ୍ୟ କମିଟି କାର୍ଯ୍ୟକାଳକୁ ବର୍ଦ୍ଧିତ କରାଯାଇଛି। ସୋମବାର ସମ୍ବଲପୁର ପାନ୍ଥନିବାସଠାରେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୋଁଣ୍ଡ ଗୋଁଣ୍ଡୱାନା ମହାସଭା ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନୂତନ କମିଟି ଗଠନ ପର୍ଯ୍ୟନ୍ତ ବର୍ତ୍ତମାନ କମିଟିର କାର୍ଯ୍ୟକାଳକୁ ବର୍ଦ୍ଧିତ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଥିଲା। ଏଥିସହିତ କାର୍ଯ୍ୟକାଳ ଶେଷ ହୋଇଥିବା ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ କମିଟି, ରାଜ୍ୟ ମହିଳା କମିଟି, ବିଭିନ୍ନ ଜିଲାସ୍ତରୀୟ କମିଟି, ଗୁଡ଼ି କମିଟିର ପୁନର୍ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ରାଜ୍ୟ କମିଟିକୁ ଏ ନେଇ ଜଣେଇବାକୁ ପରାମର୍ଶ ଦିଆଯାଇଥିଲା। ଏଥିପୂର୍ବରୁ ବିଧି ଅନୁଯାୟୀ ସଦସ୍ୟମାନଙ୍କ ଭୋଟର ଲିଷ୍ଟ ଜାରି କରାଯିବ। ଯଦ୍ୱାରା ସେମାନେ ରାଜ୍ୟ କମିଟି ପୁନର୍ଗଠନ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଏହି ବୈଠକରେ କର୍ଣ୍ଣାଟକ ରାଜ୍ୟ ଉତ୍ତର କନ୍ନଡ଼ ଜିଲା ଭଟକାଲ ସହରରେ ଆସନ୍ତା ସେପ୍ଟେମ୍ବର ୧୫ ଓ ୧୬ ତାରିଖରେ ଏକବିଂଶତମ ଅଖିଳ ଗୋଁଣ୍ଡୱାନା ସାହିତ୍ୟ ସମ୍ମେଳନରେ ଗୁଣ୍ଡି ଭାଷାରେ ସାହିତ୍ୟ ଚର୍ଚ୍ଚା ସହ ଏକ ସ୍ମରଣିକା ପ୍ରକାଶନ ନେଇ ସୂଚନା ଦିଆଯାଇଥିଲା। ଏହି ସଭାରେ ମହାସଭାର ମୁଖ୍ୟ ପୁରୋଧା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କ ସମେତ ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଗୋଁଣ୍ଡ ବହୁଳ ୨୦ ଜିଲାର ସଭାପତିମାନେ ଉପସ୍ଥିତ ଥିଲେ।

# ରେଳ ଷ୍ଟେଶନ ପାଖରୁ ଅଜଣା ମୃତଦେହ ଜବତ

କୁଚିଣ୍ଡା,୫।୮ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ରେଳ ଷ୍ଟେଶନ ନିକଟରୁ ସୋମବାର ଜିଆରପି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ କରିଛି। ମୃତକଙ୍କ ବୟସ ପ୍ରାୟ ୪୦ହେବ ବୋଲି ଅନୁମାନ କରାଯାଉଛି। ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହ ବ୍ୟବଚ୍ଛେଦ ପରେ ଗୋବିନ୍ଦପୁର ଡାକ୍ତରଖାନାରେ ରଖାଯାଇଛି। ବ୍ଲୁ ରଙ୍ଗର ଏକ ଟି ଶାର୍ଟ ଓ ଜିନ୍ସପ୍ୟାଣ୍ଟ ପିନ୍ଧିଥିବା ବ୍ୟକ୍ତି ଜଣକ କୌଣସି ଏକ ଚଳନ୍ତା ଟ୍ରେନରୁ ଖସିପଡିବା ଯୋଗୁ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଏନେଇ ଜିଆରପି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଭିସୁଟ୍ ଇଟିସି ବିଭାଗ ପକ୍ଷରୁ ଚାରାରୋପଣ

ସମ୍ବଲପୁର,୫।୮ (ପ୍ରମୋଦ ବହିଦାର)


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ବିଭାଗୀୟ ମୁଖ୍ୟ, ଅନ୍ୟ ପ୍ରଫେସର ଓ ଛାତ୍ରୀଛାତ୍ର।

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍(ଇଟିସି) ବିଭାଗ ପକ୍ଷରୁ ବଶିଷ୍ଠ ଓ ଅନୁରାଧା ଛାତ୍ରାବାସ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ନୀଳମଣି ଭୋଇ ଓ ଭାରପ୍ରାପ୍ତ ପ୍ରଫେସର ଦିପ୍ତିମୟୀ କହଁରଙ୍କ ନେତୃତ୍ୱରେ ଉଭୟ ଛାତ୍ରାବାସରେ ଚାରାରୋପଣ ହୋଇଥିଲା। ଏଭଳି ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ବିଭାଗୀୟ ମୁଖ୍ୟ ପ୍ରଫେସର ଭୋଇ ପରାମର୍ଶ ଦେଇଥିଲେ। ରୋପଣ କରାଯାଇଥିବା ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ସହ ପ୍ରତିବର୍ଷ ନିଶ୍ଚିତ ଭାବେ ଅତିକମ୍‌ରେ ଗୋଟିଏ ବା ଦୁଇଟି ଲେଖାଏ ଚାରା ରୋପଣ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସହକାରୀ ପ୍ରଫେସର ଆନନ୍ଦ ବେହେରା, ବିଜୟ ସା, ସୁବ୍ରତ ସେଠୀ, ଆଦିତ୍ୟ ହୋତା, ଚୁନିରାଣୀ ନାୟକ, ସଙ୍ଗୀତା ସ, ଶାକମ୍ଭରୀ ମହାପାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ହୀରାକୁଦ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ବାଣିଜ୍ୟ ଦିବସ

ସମ୍ବଲପୁର,୫।୮ (ବି.ଶଙ୍କର)

ଆନ୍ତର୍ଜାତିକ ବାଣିଜ୍ୟ ଦିବସ ସୋମବାର ହୀରାକୁଦ ମହାବିଦ୍ୟାଳୟ ସଭା କକ୍ଷରେ ପାଳିତ ହୋଇଯାଇଛି। ବାଣିଜ୍ୟ ବିଭାଗ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଓ.ପି.ଜିନ୍ଦଲ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଧାପକ ଡ. ମୁକେଶ କୁମାର ଶର୍ମା ଯୋଗ ଦେଇଥିଲେ। ହୀରାକୁଦ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ସ୍ମିତିଶୀଖା ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ହୀରାକୁଦ ମହାବିଦ୍ୟାଳୟ ଅଧାପକ ଡ. ସିଦ୍ଧାନ୍ତ ମହାନ୍ତି, ସଂଯୋଜକ ଡ. ଅକ୍ଷୟ କୁମାର ସୁତାର ଏବଂ ସମସ୍ତ ଛାତ୍ରୀଛାତ୍ର ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଡ. ସଞ୍ଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଶିକ୍ଷାନୁଷ୍ଠାନରେ ବାଣିଜ୍ୟ ଦିବସ ପାଳିତ

ସମ୍ବଲପୁର,୫।୮ (ବି.ଶଙ୍କର)

ସମ୍ବଲପୁର ଶାସନସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର ବାଣିଜ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ବାଣିଜ୍ୟ ବିଭାଗ ଅଧାପକ ସୁବାସ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଶ୍ୟାମଚରଣ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆମର ଜୀବନର ପ୍ରତ୍ୟେକ କାର୍ଯ୍ୟକଳାପ ତଥା ବ୍ୟବସାୟିକ ଜୀବନରେ ବାଣିଜ୍ୟ କିପରି ମଣିଷ ସହିତ ଜଡିତ ସେ ଉପରେ ମତ ପୋଷଣ କରିଥିଲେ। ଉକ୍ତ ଦିବସରେ ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ବିକାଶ ଅନୁଷ୍ଠାନ ସମୂହର ସମ୍ବଲପୁରର ନିର୍ଦ୍ଦେଶକ ଜି. ରାମ କ୍ରିଷ୍ଣା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜିବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରି ସ୍କୁଲର ଅଧକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଦିବ୍ୟ ସିଂହ ମହନ୍ତ ପ୍ରମୁଖ ବାଣିଜ୍ୟ ଦିବସରେ ଉପସ୍ଥିତ ରହି କିପରି ଗାଁ ତଥା ସହରରେ ଶିଳ୍ପର ଉନ୍ନତି ହୋଇପାରିବ ସେ ଦିଗରେ ବକ୍ତବ୍ୟ ରଖିଥିଲେ। ଏହି ଦିବସରେ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶ ଗ୍ରହଣ କରି ବାଣିଜ୍ୟ ବିଷୟର ବିଭିନ୍ନ ଦିଗ ଉପରେ ନିଜର ଉପସ୍ଥାପନା କରିଥିଲେ। ଶେଷରେ ବିକାଶ ବାଣିଜ୍ୟ ବିଭାଗ ମୁଖ୍ୟ ବିଜନ କୁମାର ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇଏମ୍‌ର ଏମ୍‌ଆଇପି ଆବାସିକ କାର୍ଯ୍ୟକ୍ରମ

ସମ୍ବଲପୁର, ୫।୮ (ପ୍ରମୋଦ ବହିଦାର)

ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଆଇଆଇ୍‌ଏଲ୍‌ଏମ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚାରିଦିନ ଧରି ଚାଲିଥିବା ମ୍ୟାନେଜମେଣ୍ଟ ଇମର୍ସନ ପ୍ରୋଗାମ(ଏମ୍‌ଆଇପି) ଆବାସିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମ୍ୟାନେଜମେଣ୍ଟ ଶିକ୍ଷା ଓ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ ଜୀବନର ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ଗତ ଜୁଲାଇ ୩୦ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇଆଇଏଲ୍‌ଏମ୍ ବିଶ୍ୱବିଦ୍ୟାଳୟର ୬୨ଛାତ୍ରୀଛାତ୍ରଙ୍କୁ ଫ୍ଲିପ୍‌ଡ ଶ୍ରେଣୀଗୃହ ଓ ବିଭିନ୍ନ ପ୍ରକାରର ଭାବ ବିନିମୟ ଅଧିବେଶନ, କର୍ମଶାଳା ଓ ଆଇଆଇଏମ୍ ସମ୍ବଲପୁରର ଫାକଲ୍‌ଟି ତଥା ଶିଳ୍ପ ବିଶେଷଜ୍ଞଙ୍କ ପକ୍ଷରୁ କେସ୍ ଷ୍ଟଡି ଜରିଆରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମଧ୍ୟରେ ଛାତ୍ରୀଛାତ୍ର ହିଣ୍ଡାଲ୍‌କୋ ଶିଳ୍ପାନୁଷ୍ଠାନ, ସାମାଜିକ ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଅତାବିରା ବୁଣାକାର ଶିଳ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ସ୍ଥାନୀୟ ବୁଣାକାରମାନଙ୍କ ସହ ଭାବ ବିନିମୟ କରିବା, ସେମାନଙ୍କ କଳାକୁ ବୁଝିବା ଓ ବୁଣାକାର ସମୂହଙ୍କୁ ଏକ ମଞ୍ଚ ପ୍ରଦାନ କରିବାରେ ଆଇଆଇଏମ୍ ସମ୍ବଲପୁରର ଭୂମିକା ସମ୍ପର୍କରେ ଅବଗତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିଭାବେ ଯୋଗଦେଇ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଯୁଗ୍ମ ସଭାପତି ଦେବାଶିଷ ମଲ୍ଲିକ ଥିଓରି ଜ୍ଞାନ ଓ ବାସ୍ତବତା ମଧ୍ୟରେ ଥିବା ଅନ୍ତରକୁ ଦୂର କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଚାରିଦିନିଆ କାର୍ଯ୍ୟକ୍ରମକୁ ପାଞ୍ଚଟି ରୂପାନ୍ତରିତ ମଡ୍ୟୁଲ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତିଟି ମଡ୍ୟୁଲରେ ପରିଚାଳନା ଓ ବ୍ୟକ୍ତିଗତ ବିକାଶ ଭଳି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଭୋଫାର୍ମର ସହ ପ୍ରତିଷ୍ଠାତା ସମରେନ୍ଦ୍ର ମିଶ୍ର, ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମ୍ୟାକିନ୍‌ସ ଆଣ୍ଡ କମ୍ପାନୀର ପାର୍ଟନର ଗ୍ଲୋବାଲ୍ ଲିଡ୍ ଡ. କେ ଗଣେଶ, ପ୍ରଫେସର ଭରତ ଭୂଷଣ ଓ ଆଇଆଇଏମ୍ ସମ୍ବଲପୁରର ଫାକଲ୍‌ଟି ସଦସ୍ୟମାନେ ପ୍ରଶିକ୍ଷକଭାବେ ବିଭିନ୍ନ ମଡ୍ୟୁଲର ନେତୃତ୍ୱ ନେଇଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ପ୍ରେମଚାନ୍ଦଙ୍କ ସାହିତ୍ୟ ସମାଜର ଜୀବନ୍ତ ପ୍ରତିଛବି

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗରେ ପ୍ରେମଚାନ୍ଦ ଜୟନ୍ତୀ

ସମ୍ବଲପୁର,୫।୮ (ଭବାନୀ ଶଙ୍କର ଭୋଇ)



ମୁନ୍‌ସି ପ୍ରେମଚାନ୍ଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରୀଛାତ୍ର।

ମୁନସୀ ପ୍ରେମଚାନ୍ଦ ତତ୍କାଳୀନ ସମୟର ଚିତ୍ରକୁ ନିଜ ସାହିତ୍ୟରେ ପ୍ରତିଫଳିତ କରି ସାମାଜିକ ସ୍ଥିତକୁ ଜୀବନ୍ତ କରିପାରିଥିଲେ। ସେ ତାଙ୍କ ଜୀବନ କାଳରେ ଉଠାଇଥିବା ପ୍ରଶ୍ନଗୁଡ଼ିକର ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ମୁନସୀ ପ୍ରେମଚାନ୍ଦଙ୍କ ୧୪୪ତମ ଜନ୍ମ ବାର୍ଷିକୀରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ 'ପ୍ରେମଚାନ୍ଦ ଆଜି ମଧ୍ୟ ପ୍ରାସଙ୍ଗିକ' ଶୀର୍ଷକ ସାହିତ୍ୟ ଆଲୋଚନାର ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଜୟନ୍ତକର ଶର୍ମା ଏହା କହିଛନ୍ତି। ପ୍ରଫେସର ଶର୍ମା କହିଥିଲେ ପ୍ରେମଚାନ୍ଦ ଦେଶରେ ଆର୍ଥିକ ଏବଂ ସାମାଜିକ ସ୍ୱାଧୀନତାର ଯେଉଁ ସ୍ୱପ୍ନ ଦେଖିଥିଲେ ଯାହା ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ମୋଟ ଉପରେ, ପ୍ରେମଚାନ୍ଦ ଜଣେ ଯୁଗଦ୍ରଷ୍ଟା ତଥା ଯୁଗସ୍ରଷ୍ଟା ଅଟନ୍ତି। ତାଙ୍କ ସ୍ୱପ୍ନକୁ ପୂରଣ କରି ଆମେ ତାଙ୍କୁ ପ୍ରକୃତ ସମ୍ମାନ ଦେଇପାରିବା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରୁଥିବା ହିନ୍ଦୀ ବିଭାଗର ସଂଯୋଜକ ଡ. ମୁରଲୀଧର ମାଝି କହିଥିଲେ, ପ୍ରେମଚାନ୍ଦ ଜଣେ ଲେଖକ ଅପେକ୍ଷା ଜଣେ ସାମାଜିକ କର୍ମୀ ଥିଲେ। ତାଙ୍କର ରଚନା କାହାଣୀ ଅପେକ୍ଷା ସାମାଜିକ ଦଲିଲ ଅଟେ। ସେ ପ୍ରଶ୍ନ ଉଠାଇଛନ୍ତି ଯେ, ଆମେ ପ୍ରେମଚାନ୍ଦଙ୍କୁ ପଢିବାର ଶହେ ବର୍ଷରୁ ଅଧିକ ସମୟ ବିତିଯାଇଛି। ହେଲେ ତାଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ କାହିଁକି ହୋଇପାରିନାହିଁ ତାହା ଆଲୋଚନାର ବିଷୟ।

ଅଧ୍ୟାପିକା ଡ. ସ୍ମୃତି ସ୍ମରଣିକା ଜେନାଙ୍କ ସଂଯୋଜନାରେ ଆୟୋଜିତ ସାହିତ୍ୟ ଆଲୋଚନାର ପ୍ରାରମ୍ଭରେ ଅଧ୍ୟାପକ ଡ. ଦାଶରଥୀ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର କୁଳମଣି ସେଠ, ସୋନାଲିକା ସାହୁ, ଲିସି ତନ୍ତି, ଆଲିମା ସେଠ, ତନୁଶ୍ରୀ ମେହେର, ସ୍ନେହା କୁମ୍ଭାର, ଅଭିନ୍ନ ପଧାନ ଏବଂ ଅରବିନ୍ଦ ଖେସ୍ ସେମାନଙ୍କର ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପିକା ଡ. ପ୍ରଣତି ବେହେରା ଏବଂ ମମତା ନାୟକ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ଡ. ଜୟନ୍ତ କର ଶର୍ମା ତାଙ୍କ ଦ୍ୱାରା ପ୍ରକାଶିତ କିଛି ପୁସ୍ତକ ଏବଂ ତାଙ୍କର ଗୁରୁଙ୍କ କିଛି ପୁସ୍ତକ ବିଭାଗକୁ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଦାଶରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥଲେ।

## ସଂକ୍ଷେପରେ

### ସଞ୍ଜୟ ଶତପଥୀ ହେଲେ ରାଜ୍ୟ ବଡି ବିଲଡିଂ ଆସୋସିଏଶନ କାର୍ଯ୍ୟକାରୀ ସଭାପତି

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ବଡିବିଲଡିଂ ଆସୋସିଏଶନ (ଓବିବିଏ) କାର୍ଯ୍ୟକାରୀ ସଭାପତି ଭାବେ ବଲାଙ୍ଗୀରର



ସଞ୍ଜୟ ଶତପଥୀ ନିର୍ବାଚିତ ହୋଇଛନ୍ତି। ଦୀର୍ଘଦିନ ହେଲା ଆସୋସିଏଶନର ବଲାଙ୍ଗୀର ଜିଲା ସମ୍ପାଦକ ପଦବୀରେ ରହି ସୁଚାରୁ ରୂପେ ରାଜ୍ୟସ୍ତରୀୟ ତଥା ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆୟୋଜନ କରି ଆସୁଥିବା ସଞ୍ଜୟଙ୍କୁ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି କରାଯିବାରୁ ତାଙ୍କୁ ବହୁ ସଙ୍ଗଠକ, କ୍ରୀଡାବିତ୍ ଏବଂ କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ବଡି ବିଲଡିଂ ଆସୋସିଏଶନରେ ପ୍ରଥମେ ଆୟୋଜକ ସମ୍ପାଦକ ଭାବେ ସଞ୍ଜୟ କାର୍ଯ୍ୟ କରିଥିଲେ। ଚଳିତ ବର୍ଷ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହେବା ଫଳରେ ବଲାଙ୍ଗୀର ଜିଲାର ବଡି ବିଲଡରମାନେ ଉତ୍ସାହିତ ହୋଇଛନ୍ତି।

### ସେକ୍ସ ରାକେଟ: ୨ ମହିଳା ଉଦ୍ଧାର

ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିର୍ଲିଗୁଡ଼ା ଗାଁରେ ସେକ୍ସ ରାକେଟ ଚାଲିଥିବା ନେଇ ପୋଲିସ ଖବର ପାଇଥିଲା। ରବିବାର ବିଳମ୍ବିତ ରାତିରେ ଭବାନୀପାଟଣା ସଦର ଥାନା ଓ ଟାଉନ ଥାନା ପୋଲିସ ମିଳିତ ଭାବରେ ଏହି ଗ୍ରାମରେ ଚଢାଉ କରିଥିଲେ। ଏହି ସମୟରେ ଗାଁର ଏକ ଭଡ଼ା ଘରୁ ଦୁଇଜଣ ବିବାହିତା ମହିଳାଙ୍କୁ ପୋଲିସ ଉଦ୍ଧାର କରିଥିଲା। ଅନ୍ୟପଟେ ପୋଲିସକୁ ଦେଖି ୩ରୁ ଊର୍ଦ୍ଧ୍ୱ ଗ୍ରାହକ ଫେରାର ମାରିଥିବା ଜଣାପଡିଛି। ଉଦ୍ଧାର ଦୁଇ ମହିଳାଙ୍କ ଘର ବାଲେଶ୍ୱର ଓ ଭୁବନେଶ୍ୱର ବୋଲି ପୋଲିସଠାରୁ ସୂଚନା ମିଳିଛି। ଜଣେ ମହିଳାଙ୍କ ୮ବର୍ଷର ଓ ଅନ୍ୟ ମହିଳାଙ୍କର ୩ ବର୍ଷର ଶିଶୁ ରହିଥିବା ଜଣାପଡିଛି। ଏ ନେଇ ଭବାନୀପାଟଣା ସଦର ଥାନା ଆଇଆଇସି ନରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ୨ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ସେମାନେ ଶ୍ରମିକ ଭାବେ କାମ କରିବାକୁ ଆସିଥିବା କହିଥିବା ସେ କହିଥିଲେ।

# ଅନ୍ଧବିଶ୍ୱାସରୁ ଗଲା ଜୀବନ

- ଚିତିସାପ କାମୁଡ଼ାରେ ବାପ ମୃତ, ପୁଅ ଗୁରୁତର
- ଡାକ୍ତରଖାନା ନ ଯାଇ ଗୁଣିଆ ପାଖକୁ ଯାଇଥିଲେ

ଦେବଗଡ଼, ୫।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଠାକୁରପାଲି ଗ୍ରାମରେ ଚିତିସାପ କାମୁଡାରେ ସୋମବାର ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ଠାକୁରପାଲି ଗ୍ରାମର ଦୟାନିଧି ପାତ୍ର(୫୫)। ଅନ୍ଧ ବିଶ୍ୱାସରୁ ଦୟାନିଧିଙ୍କ ଜୀବନ ଯାଇଛି ବୋଲି କୁହାଯାଉଛି।

ରବିବାର ରାତିରେ ଦୟାନିଧି ଓ ତାଙ୍କ ପୁଅ ନୃପତି (୨୯) ଖିଆପିଆ ସାରି ଘର ଚଟାଣରେ ଶୋଇଥିଲେ। ତେବେ ବିଳମ୍ବିତ ରାତିରେ ଏକ ବିଷାକ୍ତ ଚିତି ସାପ ଉଭୟ ବାପପୁଅଙ୍କୁ କାମୁଡ଼ିଥିଲା। ଦୟାନିଧି ଚମକି ଉଠିପଡିଥିଲେ ହେଁ ଏକଥା ପୁଅ ନୃପତି ଜାଣିପାରି ନ ଥିଲେ। ଦୟାନିଧି ପାଖରେ ଏକ ଚିତିସାପ ରହିଥିବା ଦେଖିବା ପରେ ନୃପତିଙ୍କୁ ନିଦରୁ ଉଠାଇ ସାପ କାମୁଡିଥିବା ଜଣାଇଥିଲେ। ତେବେ ନୃପତି ତାଙ୍କୁ ଡାକ୍ତରଖାନାକୁ ନ ନେଇ ଏକ ବାଇକ୍‌ରେ ବସାଇ ନିକଟସ୍ଥ ଗ୍ରାମରେ ଥିବା ଜଣେ ଗୁଣିଆ ନିକଟକୁ ନେଇଥିଲେ। ଦୟାନିଧିଙ୍କୁ ଗୁଣିଆ ଜଣକ ଫୁଙ୍କାଝଡା କରୁଥିବାବେଳେ ନୃପତି ଅସୁସ୍ଥ ଅନୁଭବ କରିବା ସହ ତାଙ୍କର ଆଖି ଅନ୍ଧାର ହୋଇଯାଇଥିଲା। ଫଳରେ ତାଙ୍କୁ ମଧ୍ୟ ସାପ କାମୁଡ଼ି ଥିବା ଜାଣିବାକୁ ପାଇଥିଲେ। ସେ ମଧ୍ୟ ଗୁଣିଆଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ। ଉଭୟ ବାପପୁଅଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ବାରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ସେମାନଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୁଅ ନୃପତି ଗୁରୁତର ଅବସ୍ଥାରେ ଏବେ ମଧ୍ୟ ସେଠାରେ ଚିକିତ୍ସାଧିନ ଅଛନ୍ତି। ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଦୟାନିଧିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ଗୁଣିଆପାଖକୁ ନେବା ପରିବର୍ତ୍ତେ ଅବିଳମ୍ବେ ଡାକ୍ତରଖାନାକୁ ଆଣିଥାନ୍ତେ ତେବେ ହୁଏତ ଦୟାନିଧି ବଞ୍ଚି ଯାଇଥାନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି।

# କୋଶଲୀ ଭାଷା, ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ପରଲୋକ

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)



ନିମାଇଁ ଚରଣ ପାଣିଗ୍ରାହୀଙ୍କ ଫାଇଲ ଫଟୋ।

କୋଶଲୀ ଭାଷା, ସାହିତ୍ୟ ଏବଂ ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ (୬୭)ଙ୍କ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ରବିବାର ଅପରାହ୍ଣରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପ୍ରଥମେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ଏହାପରେ ତାଙ୍କୁ ସେଠାରୁ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟକୁ ଉନ୍ନତର ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପୂର୍ବାହ୍ନରେ ତାଙ୍କର ପରଲୋକ ଘଟିଛି।

ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ସିନ୍ଦୂରବାହାଲ ଗାଁରେ ୧୯୫୭ ନଭେମ୍ବରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପାଣିଗ୍ରାହୀ ୧୯୮୨ରୁ ୧୯୮୫ ମସିହା ପର୍ଯ୍ୟନ୍ତ ରାକ୍ସିମୁଣ୍ଡା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୧୯୮୫ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଜଙ୍ଗଲ ବିଭାଗରେ ଫରେଷ୍ଟର ଭାବେ କାର୍ଯ୍ୟ କରିଥିଲେ। ବୃତ୍ତିଗତ ଜୀବନରୁ ଊର୍ଦ୍ଧ୍ୱକୁ ଉଠି ସେ ଛାତ୍ର ଜୀବନରୁ କୋଶଲୀ ଏବଂ ଓଡ଼ିଆ ଭାଷାରେ ଗବେଷଣାତ୍ମକ ପ୍ରବନ୍ଧ ଲେଖିଆସୁଥିଲେ। ଲୁପ୍ତପ୍ରାୟ କୃଷି ଏବଂ ସାମାଜିକ ବ୍ୟବହାରିକ ସାମଗ୍ରୀ, ଶତାଧିକ କିସମର ଦେଶୀ ବିଲୁପ୍ତ ଧାନ, ଅନ୍ୟାନ୍ୟ ଶସ୍ୟ, ଅନେକ ବିରଳ ପୁସ୍ତକ, ପ୍ରାଚୀନ ଅଳଙ୍କାର, ଅସ୍ତ୍ରଶସ୍ତ୍ର, ଖେଳକୁଦ, ପ୍ରଥା ପରମ୍ପରା, ଜାନି ଯାତ୍ରା, କୋଶଳାଞ୍ଚଳର ସାମାଜିକ ଏବଂ ସାଂସ୍କୃତିକ ଜୀବନ ଓ ଚଳଣି ସହ ଓତପ୍ରୋତ ଭାବେ ଜଡ଼ିତ ଅନେକ ସାମଗ୍ରୀର ସଂଗ୍ରାହକ ଭାବେ ସେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡ଼ିଶାର ବିଭିନ୍ନ ଜିଲା ବୁଲି ପ୍ରାଚୀନ ସାମଗ୍ରୀ ସଂଗ୍ରହ କରୁଥିଲେ। ତାଙ୍କର କୋଶଲୀ ଭାଷାରେ ଖମ୍‌ଖମାଲୋ (୧୯୯୭), ମିତନି ମିତନି ଆର୍ ଛେଲିଆ (କୋଶଲୀ ଲୋକକଥାନୀ, ୨୦୦୪), କୋଶଲୀ ଖେଲକୁଦ୍ (୨୦୦୪) ଏବଂ ଲୁପ୍ତ କୋଶଲୀ ଢଗଢମାଳି ଭୁଗ୍‌ଲେ ବଖାନୀ (୨୦୦୬) ଆଦି ପୁସ୍ତକ ପ୍ରକାଶିତ ହୋଇଛି। କୋଶଲୀ ଭାଗବଦ୍ ଗୀତା (ଅନୁବାଦ), କୋଶଲୀ ତୁଳସୀ ରାମାୟଣ ବାଲକାଁଡ (ଅନୁବାଦ), କୋଶଲୀ ଲୋକକଥାନୀ, କୋଶଲୀ ବଖାନୀ, କୋଶଲୀ ଲୋକଗୀତ, କୋଶଲୀ ଛଟ୍‌କା-ଦାଏକା, କୋଶଲୀ ଲୋକଗାଥା, ହାସ୍ୟବ୍ୟଙ୍ଗ କବିତା ଏବଂ ୫୦ରୁ ଅଧିକ ମୂଲ୍ୟବାନ୍ ଲେଖା ଅପ୍ରକାଶିତ ରହିଛି। ଓଡ଼ିଶାର ଅନେକ ପ୍ରତିଷ୍ଠିତ ପତ୍ରପତ୍ରିକାରେ ତାଙ୍କର ଶତାଧିକ କୋଶଲୀ ମୌଳିକ କବିତା, ପ୍ରବନ୍ଧ, ଗଳ୍ପ ଓ ଗବେଷଣା ଧର୍ମୀ କୋଶଲୀ ଓ ଓଡ଼ିଆ ଲେଖା ପ୍ରକାଶ ପାଇଛି। ଭାଷା, ସାହିତ୍ୟ ଏବଂ ସଂସ୍କୃତି ଗବେଷଣା ପାଇଁ ତାଙ୍କୁ କୋଶଲୀ ଭାଷା ସାହିତ୍ୟ ସମ୍ମାନ ୨୦୦୧, ଓଁଙ୍କାର ପାଣିଗ୍ରାହୀ ସମ୍ମାନ ୨୦୦୩, ଇଣ୍ଟରନ୍ୟାଶନାଲ ଥିଏଟର (ଭୁବନେଶ୍ୱର)୨୦୦୫, ଭର୍ନି ପୁରସ୍କାର ୨୦୦୫, କୋଶଲୀ ହୀରା ଉପାଧି ୨୦୦୫, ଜୁଗାର ସାହିତ୍ୟ ସମ୍ମାନ ୨୦୦୯, ପାଟଣା ଗୌରବ କବିଶ୍ରୀ ସମ୍ମାନ ୨୦୧୦, ନୀଳମାଧବ ପାଣିଗ୍ରାହୀ ସମ୍ମାନ ୨୦୧୧, ଭୂମିକା ସମ୍ମାନ ୨୦୧୮ରେ ସାମ୍ମାନିତ ହୋଇଛନ୍ତି। ଆସନ୍ତା ରବିବାର ତାଙ୍କର ବହୁ ପ୍ରତୀକ୍ଷିତ ଅନୁବାଦ ଗ୍ରନ୍ଥ କୋଶଲୀ ଗୀତା ଉନ୍ମୋଚନ ହେବା ସ୍ଥିର ହୋଇଥିଲା। ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ତ୍ରୀ ସୁଲକ୍ଷଣୀ, ୪ ଝିଅ ସାଗରିକା, ନିହାରିକା, ଅନାମିକା, ସ୍ୱାଗତିକା ଏବଂ ଜ୍ୱାଇଁ ଅଛନ୍ତି। ତାଙ୍କ ମୃତଦେହକୁ ବଲାଙ୍ଗୀର ସହର ରେଡିଓ ଷ୍ଟେଶନ ନିକଟ ତାଙ୍କ ବାସଭବନରେ ରଖାଯାଇଛି। ମଙ୍ଗଳବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, କବି ସୁଶାନ୍ତ ବାଗ, ଆନନ୍ଦ ଚନ୍ଦ୍ର ସାହୁ, ସନ୍ଦୀପ କୁମାର କୁଅଁର, ଗୋପାଳ ପ୍ରଧାନ, ଦତ୍ତାନନ୍ଦ ହୋତା, ଚାଷୀନେତା ଅରୁଣ ମିଶ୍ର, ପ୍ରେସ୍ କ୍ଲବ୍ ସଭାପତି ଅରୁଣ ମିଶ୍ର, ମଧୁସୂଦନ ଦାଶ, ଗୋପୀନାଥ ଦଣ୍ଡସେନା, ମଦନ ମୋହନ ରଥ, ଶୁଭେନ୍ଦୁ ନେପାକ, ରସରାଜ ଅଚ୍ୟୁତ ପୁରୋହିତ, ବହୁ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପ୍ରକୃତିର ଦୋହନ ପରିବର୍ତ୍ତେ ସଂରକ୍ଷଣ ଜରୁରୀ




ଜୁହାର ପରିବାରର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ବକ୍ତା।

### ଦିଲ୍ଲୀ ଜୁହାର ପରିବାରର ପ୍ରତିଷ୍ଠା ଦିବସ

ସମ୍ବଲପୁର, ୫।୮ (ଭବାନୀ ଶଙ୍କର ଭୋଇ)

ଦିଲ୍ଲୀ ଜୁହାର ପରିବାର ପକ୍ଷରୁ ସୋମବାର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦିଲ୍ଲୀର କନଷ୍ଟିଚ୍ୟୁଶନ କ୍ଲବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଷୋଡଶ ଅର୍ଥ ଆୟୋଗ ସଦସ୍ୟ ମନୋଜ ପଣ୍ଡା, କେରଳ ସରକାରଙ୍କ ଅଗ୍ନିଶମ ମହାନିର୍ଦ୍ଦେଶକ ଡ଼. ସଞ୍ଜୀବ ପାଟଯୋଷୀ ଓ ବରିଷ୍ଠ ସାମ୍ବାଦିକ ଡ଼ ଭବାନୀ ଦୀକ୍ଷିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଇଷ୍ଟଦେବୀ ମା' ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁରେଶ୍ୱରୀ, ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିଜ ଅଭିଭାଷଣରେ ଏମ୍‌ପି ପୁରୋହିତ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ସମ୍ପର୍କରେ ଉଲ୍ଲେଖ କରି ପ୍ରକୃତିର ଦୋହନ ପରିବର୍ତ୍ତେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁହାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୃଜନୀ ମିଶ୍ର ସଂଯୋଜନା କରିଥିଲେ। ସମ୍ପାଦକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ସକାଳୁ ତ୍ୟାଗରାଜ ପାର୍କଠାରେ ୧୫୦ଟି ଚାରା ରୋପଣ କରାଯାଇଥିଲା ।

## ୬୧୦ ଫୁଟ୍‌ରେ ପହଞ୍ଚିଲା ହୀରାକୁଦ ଜଳଭଣ୍ଡାରର ଜଳସ୍ତର

### ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଅବ୍ୟାହତ

ସମ୍ବଲପୁର, ୫।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଛି। ଫଳରେ ସେହି ଅନୁପାତରେ ଜଳଭଣ୍ଡାରର ଜଳପତ୍ତନ ମଧ୍ୟ ବୃଦ୍ଧି ପାଇଛି। ସୋମବାର ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ହୋଇଥିବା ଶେଷ ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧିପାଇ ୬୧୦ଫୁଟ୍‌ରେ ପହଞ୍ଚିଛି। ସେହିପରି ସୋମବାର ମଧ୍ୟ ଜଳଭଣ୍ଡାରରୁ ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟା ଜଳ ନିଷ୍କାସନ ଅବ୍ୟାହତ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୬୩ ହଜାର ୬୯୩ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ସ୍ଲୁଇସ୍ ଗେଟ୍, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲ, ଜଳସେଚନ ପାଇଁ ବିଭିନ୍ନ କେନାଲ ଓ ଶିଳ୍ପାନୁଷ୍ଠାନ ମିଶି ପ୍ରତି ସେକେଣ୍ଡର ସମୁଦାୟ ହାରାହାରି ୨ ଲକ୍ଷ ୪୬ ହଜାର ୬୮୦ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୧୪ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୦୮ ହଜାର ୦୧୨ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪ ହଜାର ୯୨୫ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୩୬ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୩.୯୧ ମିଲିମିଟର ଓ ତଳ ମୁଣ୍ଡରେ ୬.୪୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# ୧୧ମାସ ପରେ ବ୍ଲକ ଅଧ୍ୟକ୍ଷ ପଦ ଫେରିପାଇଲେ

ଗୋଲାମୁଣ୍ଡା,୫।୮ (ବଟ କୃଷ୍ଣ ପଣ୍ଡା)

ଦୀର୍ଘ ୧୧ମାସ ପରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ପଦ ଫେରି ପାଇଛନ୍ତି ବିନ୍ଦୁ ମହାନନ୍ଦ। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେ ନିୟମିତ ବେଲ ପାଇ ଘରକୁ ଫେରିଥିଲେ। ତାଙ୍କ କେସ ବର୍ତ୍ତମାନ କୋର୍ଟରେ ଚାଲୁ ରହିଥିବା ବେଳେ ସେ ଦୋଷୀ ସାବ୍ୟସ୍ତ ହୋଇ ନ ଥିବାରୁ ରାଜ୍ୟ ସରକାର ତାଙ୍କୁ ବ୍ଲକ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିଛନ୍ତି। ସୋମବାର ସେ ସମର୍ଥକଙ୍କ ସହ ବ୍ଲକ ଅଫିସକୁ ଆସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ସମର୍ଥକଙ୍କ ଗହଣରେ ଦାୟିତ୍ୱ ଗ୍ରହଣ କରୁଛନ୍ତି ବିନ୍ଦୁ ମହାନନ୍ଦ।

ସୂଚନାଯୋଗ୍ୟ ଯେ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ପୂର୍ବରୁ ଅନେକ ଜନ ହିତକର କାର୍ଯ୍ୟ କରି ପରିଚିତ ହୋଇପାରିଥିଲେ। ତାଙ୍କର ଲୋକପ୍ରିୟତା ବଢି ଚାଲିଥିବାରୁ ବିରୋଧୀ ଗୋଷ୍ଠୀ ଜେଲ ପଠାଇ ଦେଇଥିବା ଚର୍ଚ୍ଚା ହୋଇଥିଲା। ଅଧ୍ୟକ୍ଷ ପଦ ଫେରି ପାଇଥିବାରୁ ସେ ପୁଣି ଦୈନନ୍ଦିନ ଜନଶୁଣାଣି ଓ ଲୋକଙ୍କ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ବରିଷ୍ଠ ଆଇନଜୀବୀ ସୁଧାଂଶୁ ବରାଡ଼, ହିମାଂଶୁ ବରାଡ଼, ଜୟ ମହାନନ୍ଦ, କାଳିନ୍ଦୀ ପାଣିଗ୍ରାହୀ, ଦିପେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଡ଼ ମାମଲାରେ ୩ବର୍ଷ କାରାଦଣ୍ଡ

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଥାନା ଅନ୍ତର୍ଗତ ରୁହୁଣିଆଁ ଗ୍ରାମରେ ଗତବର୍ଷ ଘଟିଥିବା ଏକ ମାଡ଼ ମାମଲା(ସିଟି କେଶ ନଂ.୪୧/୦୬ ଅଫ୍ ୨୦୨୩)ର ରାୟ ସୋମବାର ପ୍ରକାଶ ପାଇଛି। ସିଜେଏମ୍ କୋର୍ଟରେ ବିଚାରପତି ପ୍ରିୟରଞ୍ଜନ ବାରିକ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପରିକ୍ଷିତ ଭୋଇ, ସାରା ଭୋଇ ଏବଂ ମୁନା ଭୋଇଙ୍କୁ ୩ବର୍ଷ କାରାଦଣ୍ଡ ଏବଂ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ କାରାଦଣ୍ଡ ବୃଦ୍ଧି ପାଇବ ବୋଲି ସୂଚାଇ ଦିଆଯାଇଛି। ସରକାରଙ୍କ ତରଫରୁ ଉକ୍ତ ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅନୁପ କୁମାର ଶତପଥୀ ପରିଚାଳନା କରୁଥିଲେ। ପ୍ରକାଶଥାଉକି, ଗତବର୍ଷ ଉପରୋକ୍ତ ଅଭିଯୁକ୍ତମାନେ ରୁହୁଣିଆଁ ଗ୍ରାମର କୁମୁଦିନୀ ଭୋଇଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

# ବ୍ୟାପିଲା ଝାଡ଼ାବାନ୍ତି: ୨୧ ଆକ୍ରାନ୍ତ

### ଟିଙ୍ଗୋପକାନରେ ସ୍ଥିତି ଆୟତ୍ତ କରୁଛି ସ୍ୱାସ୍ଥ୍ୟ ବିଭାଗ

ଜୟପାଟଣା,୫।୮ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଟିଙ୍ଗୋପକାନ ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଆକ୍ରାନ୍ତ ସଂଖ୍ୟା ୨୧ରେ ପହଞ୍ଚିଛି। ସମସ୍ତ ଆକ୍ରାନ୍ତଙ୍କୁ



ଆକ୍ରାନ୍ତ ଜଣେ ମହିଳାଙ୍କ ଚିକିତ୍ସା ଚାଲିଛି।

ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏଥିରୁ ୫ଜଣ ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ମିଳିଥିବା ସୂଚନା ଅନୁଯାୟୀ, ରବିବାର ଗ୍ରାମରେ କିଛି ଲୋକଙ୍କୁ ଝାଡ଼ାବାନ୍ତି ହୋଇଥିଲା। କିନ୍ତୁ ସେମାନେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଔଷଧ ଖାଇ ଡାକ୍ତରଖାନାକୁ ଆସି ନ ଥିଲେ। ଖବର ପାଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ଶୁଭ୍ରଜିତ ବିଶ୍ୱାଳ ଉକ୍ତ ଅଞ୍ଚଳରେ ପହଞ୍ଚି ଆକ୍ରାନ୍ତମାନଙ୍କୁ ଡାକ୍ତରଖାନା ଆଣିବା ବ୍ୟବସ୍ଥା କରିଥିଲେ। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର ୨୦ ଜଣିଆ ଦଳ ପହଞ୍ଚି ଗ୍ରାମକୁ ସାନିଟାଇଜ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଛନ୍ତି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିବା ଜଣାପଡିଛି। ଏହି ଗ୍ରାମର ଲୋକେ ନଳକୂପ ପାଣି ପିଉଥିବା ବେଳେ ପୋଖରୀରେ ଗାଧୋଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବାବେଳେ କେତେଜଣ ଭଲ ହୋଇ ଘରକୁ ଫେରିଲେଣି ବୋଲି ଭାରପ୍ରାପ୍ତ ଡାକ୍ତର ବିଶ୍ୱାଳ କହିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଫେରାଦ

### ଜଣେ ଶିକ୍ଷକରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)



ଶିକ୍ଷକ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବ୍ୟାହତ ହୋଇଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଗ୍ରାମର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ମଧ୍ୟ ଗ୍ରାମବାସୀ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୨ଜଣ ଶିକ୍ଷକ ଥିଲେ। ତେବେ ଗତ ଜୁନ ୩୦ରେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଅବସରଗ୍ରହଣ କରିଛନ୍ତି। ଫଳରେ ମାସାଧିକକାଳ ହେଲା ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ଚାଲୁଛି। ଜଣେ ଶିକ୍ଷକ କିଭଳି ୫ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିବେ, ତାହା ସହଜରେ ଅନୁମେୟ ବୋଲି ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟରେ ପାଠପଢ଼ା ଠପ୍ ପଡ଼ିଯାଇଛି ଏବଂ ଛାତ୍ରୀଛାତ୍ର ନିୟମିତ ବିଦ୍ୟାଳୟକୁ ଆସୁଥିଲେ ମଧ୍ୟ ଠିକ୍ ଭାବେ ଶିକ୍ଷାଦାନ ପାଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦୃଷ୍ଟିରୁ ଉକ୍ତ ବିଦ୍ୟାଳୟରେ ତୁରନ୍ତ ଆଉ ଜଣେ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର କ୍ଷୀରେଶ୍ୱର ସାହୁଙ୍କ ସମେତ ଅନେକ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

